ବର୍ଷ-୨୫, ସଂଖ୍ୟା-୧୧୯
ଭୁବନେଶ୍ୱର
୦୧, ମଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 119
Bhubaneswar
01,May, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


### ଛୁଟି ଘୋଷଣା

ମଇ ୧ ଶ୍ରମିକ ଦିବସ ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ବନ୍ଦ ବନ୍ଦ ରହୁଛି। ଏହାର ପରବର୍ତ୍ତୀ ସଂସ୍କରଣ ୩ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ



## ଘନ ଘନ ବୈଠକ, ପାକିସ୍ତାନ ଛାନିଆ

ନୂଆଦିଲ୍ଲୀ,୩୦।୪(ମହାଭାରତ): ପହଲଗାମ ଆକ୍ରମଣର ପ୍ରତିଶୋଧ ପାଇଁ ଆକ୍ସନପ୍ଲାନ ପ୍ରସ୍ତୁତ କରୁଛି ଭାରତ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକ, ରାଜନୀତି ବ୍ୟାପାର ସମ୍ପର୍କିତ କ୍ୟାବିନେଟ ବୈଠକ, ଅର୍ଥନୀତି ସମ୍ବନ୍ଧୀୟ କ୍ୟାବିନେଟ ବୈଠକ ଶେଷ ହୋଇଛି। ଏହାପୂର୍ବରୁ ୩ ସେନାର ପ୍ରମୁଖଙ୍କ ସହ ଆକ୍ସନପ୍ଲାନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ। ଏହାସହ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ ପୁନର୍ଗଠନ କରି ପୂର୍ବତନ ର' ଚିଫ୍ ଆଲୋକ ଜୋଶୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯାହା ସଂକେତ ଦେଉଛି ଭିତରେ ଭିତରେ ହିଁ ପାକିସ୍ତାନ ଉପରେ ପ୍ରହାର କରିବାକୁ ଚାଲିଛି ବଡ ପ୍ରସ୍ତୁତି। ରାଜନୀତି ବ୍ୟାପାର ସମ୍ପର୍କିତ କ୍ୟାବିନେଟ ବୈଠକ ବସିବା ମଧ୍ୟ ଏଭଳି ଦିଗକୁ ଇଙ୍ଗିତ କରୁଛି। କାରଣ ପୁଲଓ୍ୱାମା ଆକ୍ରମଣ ପରେ ଶେଷଥର ପାଇଁ ୨୦୧୯ରେ ବସିଥିଲା ଏହି ବୈଠ। ଏହା ପରେ ପରେ ବାଲାକୋଟରେ ଏୟାରଷ୍ଟ୍ରାଇକ ଦେଖିଥିଲା



ପାକିସ୍ତାନ।ଏବେ ସିସିପିଏ ବୈଠକ ସଂକେତ ଦେଉଛି ସେନା କେବଳ ଅନୁମତିକୁ ଅପେକ୍ଷା କରିଛି ।

ଭାରତର ପ୍ରସ୍ତୁତି ପାକିସ୍ତାନରେ ଏବେ ଭୟର ବାତାବରଣ ସୃଷ୍ଟି କରିଛି ।ଏୟାରଷ୍ଟ୍ରାଇକ ଭୟରେ ସୀମାରେ ଥିବା ଅଣ୍ଡରଗ୍ରାଉଣ୍ଡ ବଙ୍କରରେ ଆତଙ୍କବାଦୀଙ୍କୁ ଲୁଚାଉଛି ପାକ୍ ସେନା। ଅନ୍ୟପଟେ ପାକିସ୍ତାନକୁ ଚକମା ଦେବାକୁ ନୌସେନା ମଧ୍ୟ ପ୍ରସ୍ତୁତିକୁ ଜୋରଦାର କରିବା ସହ ଲେଖିଛି କୌଣସି ମିଶନ ବେଶି ଦୂର ନୁହେଁ, କୌଣସି ସମୁଦ୍ର ଏବେ ବଡ଼ ନୁହେଁ। ଏସବୁ ଭିତରେ ଏଲଓସିରେ ରାତିଅଧିଆ ଗୁଳିବର୍ଷା ଆରମ୍ଭ କରିଛି ପାକିସ୍ତାନ। ଯାହାର ମୁହଁତୋଡ ଜବାବ ଦେବାକୁ ସେନା ସହ ଏବେ ସାମ୍ନାକୁ ଆସିଛନ୍ତି। ଏଲଓସି ଅଞ୍ଚଳରେ ଥିବା ସ୍ଥାନୀୟ ଲୋକ କହିଛନ୍ତି, ଏବେ ସେନା ସହ ଆମେ ବର୍ଡରକୁ ଯିବୁ। ପାକିସ୍ତାନକୁ ତା ଭାଷାରେ ଜବାବ ଦେବୁ। ୩ ସେନା ପ୍ରମୁଖ ଓ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ଶେଷ ହୋଇଛି ସେନାକୁ ଆକ୍ସନ ନେବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଛି ଏସବୁ ଭିତରେ ଅପେକ୍ଷା କେବଳ ଅନୁମତିକୁ ଆଉ ତାପରେ ପାକିସ୍ତାନ ଉପରେ ବସିବ ବଜ୍ର ପ୍ରହାର ।ଭାରତୀୟ ସେନାର ସାମରିକ ଅପରେସନ ମହାନିର୍ଦ୍ଦେଶକ ପାକିସ୍ତାନୀ ଡିଜିଏମଓଙ୍କ ସହ କଥା ହୋଇଛନ୍ତି ଏବଂ ନିୟନ୍ତ୍ରଣ ରେଖା ନିକଟରେ ପାକ୍ ସେନା ଦ୍ୱାରା କୌଣସି ବି ଉତ୍ତେଜନାରେ ଉଲ୍ଲଂଘନ ନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଡିଜିଏମ୍ଓ ଗତକାଲି ସ୍ଥାପିତ ସାମରିକ ହଟଲାଇନ୍ ମାଧ୍ୟମରେ କଥା ହୋଇଥିଲେ ଭାରତୀୟ ଅଧିକାରୀ ଜଣକ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ ପ୍ରସଙ୍ଗ ଉଠାଇଥିଲେ।

## ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

### ରାଜ୍ୟର ୫୧ ଲକ୍ଷ ଚାଷୀଙ୍କୁ ୧୦୨୫ କୋଟିର ସହାୟତା

ଭୁବନେଶ୍ୱର,୩୦।୪(ମହାଭାରତ): ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ



କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଂଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ। ଚମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ। ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍। ସେତେବେଳେ ଇଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଛା ଶକ୍ତି ଅଛି। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ।

## ପୁଣି ପରୀକ୍ଷା କରିବ ଓପିଏସସି

ଭୁବନେଶ୍ୱର,୩୦।୪(ମହାଭାରତ):ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜି ପରୀକ୍ଷା ପୁଣି ଥରେ ହେବ। ଏହି ପରୀକ୍ଷା ଆସନ୍ତା ମଇ ୧୪ ତାରିଖରେ କରାଯିବ ବୋଲି ଓପିଏସ୍‌ସି କର୍ତ୍ତୃପକ୍ଷ ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି। ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୧୪ ତାରିଖ ଦିନ ଆନ୍ଥ୍ରୋପୋଲୋଜି ପାଇଁ ୨ଟି ପେପର ହେବ। ପ୍ରଥମ ପେପର ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ୫ଟା ଯାଏଁ ହେବ ବୋଲି ସୂଚନା ଦିଆଯାଇଛି। ଗତ ୨୭ ତାରିଖ ଦିନ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ନେଇ ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ।

## ଜାତିଗତ ଜନଗଣନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୩୦।୪(ପିଆଇବି): କେନ୍ଦ୍ର ସରକାର ଆଗାମୀ ଜନଗଣନାରେ ଜାତି ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟି ଆଜି ଏହାକୁ ଅନୁମୋଦନ କରିଛି ।

ବୁଧବାର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସରକାର ସାମାଜିକ ସନ୍ତୁଳନ, ସ୍ୱଚ୍ଛତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ନିଷ୍ପତି ନେଇଛନ୍ତି । ଆମେ ଭାବୁଛୁ ଯେ ଏହି ପଦକ୍ଷେପ ଦ୍ୱାରା ସମାଜ ଆର୍ଥିକ ଏବଂ ସାମାଜିକ ସ୍ତରରେ ସଶକ୍ତ ହେବ ।ବୈଷ୍ଣବ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧି ଦଳଗୁଡ଼ିକ ରାଜନୈତିକ ଲାଭ ପାଇଁ ଜାତି ଜନଗଣନାକୁ ଏକ ପ୍ରସଙ୍ଗ କରୁଛନ୍ତି। ସେ ସ୍ପଷ୍ଟ କରିଥିଲେ ଯେ, ସମ୍ବିଧାନର ଧାରା ୨୪୬ର ୟୁନିୟନ ତାଲିକାର କ୍ରମିକ ସଂଖ୍ୟା ୬୯ ଅଧିନରେ ଜନଗଣନା ଏକ କେନ୍ଦ୍ରୀୟ ବିଷୟ । ତଥାପି ଅନେକ ରାଜ୍ୟ ଜାତିଗତ ଜନଗଣନା କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସ୍ୱଚ୍ଛତା ବଜାୟ ରଖିଥିବା ବେଳେ ଅନ୍ୟମାନେ ଏହାକୁ ରାଜନୀତିର ଏକ ମାଧ୍ୟମ କରିଥିଲେ, ଯାହା ସମାଜରେ ଦ୍ୱନ୍ଦ ସୃଷ୍ଟି କରିଥିଲା ।' ଏହି ସମସ୍ତ ପରିସ୍ଥିତିକୁ ବିଚାରକୁ ନେଇ ଏବଂ ଆମର ସାମାଜିକ ଢାଞ୍ଚା ଯେପରି ରାଜନୈତିକ ଚାପରେ ନ ଆସିବ, ତାହା ସୁନିଶ୍ଚିତ କରିବା ପାଇଁ ଜାତି ଗଣନାକୁ ଏକ ପୃଥକ ସର୍ଭେ ପରିବର୍ତ୍ତେ ମୁଖ୍ୟ ଜନଗଣନାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି ନିଷ୍ପତ୍ତି ନିଆଯାଇଛି ।ଏହାଦ୍ୱାରା ସମାଜ ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ସୁଦୃଢ଼ ହୋଇପାରିବ ଏବଂ ଦେଶର ପ୍ରଗତି ବିନା ବାଧାରେ ଜାରି ରହିବ।

## ପ୍ରଭାସିନୀ ବେହେରା, ଦେବୀ ଶବରଙ୍କୁ ମିଳିଲା ସହାୟତା

ଭୁବନେଶ୍ୱର,୩୦।୪(ମହାଭାରତ): କଟକର ପ୍ରଭାସିନୀ ବେହେରା ଓ ରାୟଗଡାର ଦେବୀ ଶବର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ପତ୍ର ଓ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଭଲମନ୍ଦ ପଚାରି ଥିଲେ ଏବଂ ଅଧୈର୍ଯ୍ୟ ନହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।



## କୋଲକାତା ହୋଟେଲ ଅଗ୍ନିକାଣ୍ଡରେ ୪ ଓଡ଼ିଆ ମୃତ

କୋଲକାତା,୩୦।୪(ମହାଭାରତ): କୋଲକାତା ମହାନଗରର ମେଛୁଆ ବଜାର ସ୍ଥିତ ହୋଟେଲ ଋତୁରାଜରେ ଗତକାଲି ରାତିରେ ନିଆଁ ଲାଗିବା କାରଣରୁ ୧୪ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ସମୟରେ ୭ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ତେବେ ଦୁଃଖର ବିଷୟ ଯେ, ମୃତକଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଅଛନ୍ତି। ସେମାନେ ହେଲେ ଜଗତସିଂହପୁର ଜିଲ୍ଲାର ଦୁଷ୍ମନ୍ତ କୁମାର ନାୟକ (୪୬), ଦୁଷ୍ମନ୍ତ କୁମାର ସ୍ୱାଇଁ (୪୬), ମନୋଜ କୁମାର ପାତ୍ର (୪୫), ଏବଂ କଟକ ସହରର ସିଡିଏ ଅଞ୍ଚଳର ବ୍ୟବସାୟୀ ରାଜେଶ ସାନ୍ତୁକା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟା ବେଳେ ହୋଟେଲ ଋତୁରାଜରେ ନିଆଁ ଉଠୁଥିବାର ଦେଖାଯାଇଥିଲା ।




### ମଇ ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/0622/2526

DADLS-19

### ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବେସନ ଲଡୁ



***ସାମଗ୍ରୀ:***

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

***ପ୍ରଣାଳୀ:***

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

# ଦୁବାଇ ଯାଇ ପାକିସ୍ତାନୀ ଡିଜାଇନରଙ୍କ ସହ ଫଟୋ ଉଠାଇଲେ କରୀନା



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତରେ ପାକିସ୍ତାନୀ ଫିଲ୍ମର ମୁକ୍ତିଲାଭ ଉପରେ ପ୍ରତିବନ୍ଧକ ଲଗାଯାଉଛି । ଏହା ସହିତ, ଭାରତୀୟ ଫିଲ୍ମରେ କାମ କରୁଥିବା ପାକିସ୍ତାନୀ କଳାକାରମାନଙ୍କୁ ନେଇ ମଧ୍ୟ ପ୍ରଶ୍ନ ଉଠାଯାଉଛି । ଏହି ସମୟରେ, ବଲିଉଡ୍ ଅଭିନେତ୍ରୀ କରୀନା କପୁରଙ୍କ ପାକିସ୍ତାନୀ ଡିଜାଇନର ଫରାଜ ମଣ୍ଡନଙ୍କ ସହ ଫଟୋ ଭାଇରାଲ ହେବାରେ ଲାଗିଛି । ଏହା ଦେଖି ଭାରତୀୟ ପ୍ରଶଂସକମାନେ ରାଗିଯାଇଛନ୍ତି ଏବଂ ଅଭିନେତ୍ରୀଙ୍କୁ ଟ୍ରୋଲ୍ କରୁଛନ୍ତି ।ପ୍ରକୃତରେ, କରୀନା କପୁର ନିକଟରେ ଏକ କାର୍ଯ୍ୟକ୍ରମରେ ଦୁବାଇ ଯାଇଥିଲେ ।ଏହି ସମୟରେ ସେ ପାକିସ୍ତାନୀ ଡିଜାଇନର ଫରାଜ ମଣ୍ଡନଙ୍କୁ ଭେଟିଥିଲେ ଏବଂ ଦୁହେଁ ଏକାଠି ଫଟୋ ପୋଜ୍ ଦେଇଥିଲେ । ଫରାଜ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ କରୀନାଙ୍କ ସହ ତାଙ୍କର ଫଟୋ ସେୟାର କରିଛନ୍ତି । କରୀନା କପୁର ଫରାଜ ମନନଙ୍କ କାନ୍ଧରେ ହାତ ରଖି ପୋଜ୍ ଦେଉଥିବାର ଦେଖାଯାଇଥିଲା । ଏହି ସମୟରେ ତାଙ୍କ ସହିତ ଅନ୍ୟ ଲୋକଙ୍କୁ ମଧ୍ୟ ଦେଖାଯାଇଥିଲା । ଫଟୋରେ କରୀନା ଧଳା ରଙ୍ଗର କର୍ସେଟ୍ ପିନ୍ଧିଥିବା ବେଳେ ଫରାଜ କଳା ରଙ୍ଗର ଟି-ସାର୍ଟ ଏବଂ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଏବେ ଫରାଜଙ୍କ ସହିତ କରୀନାଙ୍କ ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏବଂ ଲୋକମାନେ କମେଣ୍ଟ କରି ଅଭିନେତ୍ରୀଙ୍କୁ ଟ୍ରୋଲ୍ କରୁଛନ୍ତି । କରୀନା କପୁର ଏବଂ ଫରାଜ ମନନଙ୍କ ଫଟୋରେ ଜଣେ ୟୁଜର୍ସ ଲେଖିଛନ୍ତି - 'ଏହାକୁ ପାକିସ୍ତାନ ମଧ୍ୟ ପଠାନ୍ତୁ ।' ଆଉ ଜଣେ ଲେଖିଛନ୍ତି - 'ବଲିଉଡ୍ ଲୋକମାନେ ଦେଶଦ୍ରୋହୀ, ସେମାନଙ୍କୁ ବୟକଟ କରାଯିବା ଉଚିତ ।'ଆପଣଙ୍କୁ କହି ରଖୁଛୁ ଯେ ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭାରତ ଭାରତରେ ପାକିସ୍ତାନୀ ଅଭିନେତା ଫୱାଦ ଖାନଙ୍କ ଫିଲ୍ମ 'ଅବୀର ଗୁଲାଲ'ର ରିଲିଜ୍ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି ।

# ଚକ୍ ବ୍ୟବହାର କରି ଦୂର ହେବ ଦାଗ ଓ ଦୁର୍ଗନ୍ଧ



ବ୍ଲାକ ବୋର୍ଡ ବା କଳାପଟାରେ ଲେଖିବା କାମରେ ବ୍ୟବହୃତ ଚକଖଡିକୁ ଆମେ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବା । ଏହାଦ୍ୱାରା ଦାଗ,ଦୁର୍ଗନ୍ଧ ଆଦିକୁ ଦୂର କରାଯାଇପାରିବ । ଆସନ୍ତୁ ଜାଣିବା,ଏହାର ଉପଯୋଗ ।

◆ ଘରର କାନ୍ଥରେ ଲାଗିଥିବା ଜିଦୀ ଦାଗକୁ ଦୂର କରିବାରେ ଚକଖଡି ବ୍ୟବହାର କରାଯାଇପାରିବ । ଦାଗ ଉପରେ ଚକକୁ ଧୀରେ ଧୀରେ ରଗଡନ୍ତୁ । ଏହାଦ୍ୱାରା କାନ୍ଥରେ ଲାଗିଥିବା ଚିହ୍ନ,ଦାଗ ଭଲ ଭାବେ ଫିକା ପଡିଯିବ ।

◆ ଆଲମିରାରେ ଅନେକ କପଡା ରହୁଥିବାରୁ ବେଳେବେଳେ ସେଥିରୁ ଦୁର୍ଗନ୍ଧ ବାହାରିଥାଏ । ଏହାକୁ ଦୂର କରିବା ପାଇଁ ଆପଣ ଫ୍ରେଶନର ଜାଗାରେ ଚକ ବ୍ୟବହାର କରିପାରିବେ ।

◆ ନମନୀୟତା ଯୋଗୁ ଅନେକ ସମୟରେ ଦେଖାଯାଏ,ରୂପା ପାତ୍ରଗୁଡିକ ନିଜ ଚମକ ହରାଇ ଦିଅନ୍ତି ଏବଂ ଧୀରେ ଧୀରେ ସେଗୁଡିକ କଳା ପଡିଯାଇଥାଏ । ଏହାର ଚମକକୁ ବଜାୟ ରଖିବା ପାଇଁ ଏକ ବଡ ଡବାରେ ରୂପା ପାତ୍ରକୁ ରଖି ସେଥିରେ ଅଳ୍ପ ଚକ୍ ଗୁଣ୍ଡ ପକାଇ ଦିଅନ୍ତୁ । ମଝିରେ ମଝିରେ ଏହାକୁ ବଦଳାଉ ଥାଆନ୍ତୁ । ଦେଖିବେ, ମାତ୍ର କିଛି ଦିନ ଭିତରେ ରୂପା ପାତ୍ର ଚମକି ଉଠିବ ।

◆ ଶାର୍ଟ କଲର ଏବଂ ହାତର ଅଗ୍ରଭାଗକୁ ସଫା କରିବା ଏକ ଚ୍ୟାଲେ ହୋଇଥାଏ । ବିଶେଷ କରି ସ୍କୁଲ ଯାଉଥିବା ପିଲାଙ୍କ ଶାର୍ଟ ଖୁବ୍ କମ୍ ଦିନରେ ମଇଳା ହୋଇଯାଇଥାଏ । ଏହାକୁ ସଫା କରିବା ପାଇଁ ଆପଣ ଚକର ସହାୟତା ନେଇପାରିବେ । ମଇଳା ହୋଇଥିବା ଜାଗାରେ ଆପଣ ଚକ୍ ରଗଡିପାରିବେ ।

◆ ଯଦି ଜଙ୍କ୍ ଫୁଡ କିମ୍ବା କୌଣସି ଚଟଣୀ ଆପଣଙ୍କ କପଡାକୁ ଖରାପ କରିଦିଏ, ତା'ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ଚକଖଡି ଦ୍ୱାରା ସହଜରେ ଦୂର କରିହେବ ।

# ପେଟ ଥଣ୍ଡା କରେ ଗୁଡ

ନିୟମିତ ଗୁଡ ସେବନ କରିବା ଦ୍ୱାରା ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ । ଏହାକୁ ଆପଣ ନିୟମିତ ଡାଏଟର ସାମିଲ କଲେ ଶରୀରକୁ ଅନେକ ଲାଭ ମିଳିଥାଏ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ଗ୍ରାମ ଗୁଡ ସେବନ କରିବା ଉଚିତ । ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢେ । ହେଲେ ଗୁଡ ଖାଇବା ଦ୍ୱାରା ଅମ୍ଳ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ ।

**ଗୁଡ ସେବନର ଫାଇଦା ସମ୍ପର୍କରେ ଜାଣନ୍ତୁ -**

ହାଡ ଶକ୍ତ ରଖେ : ଯଦି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ଦରଜ ଅନୁଭବ ହେଉଛି ତେବେ ଗୁଡ ସହିତ ଅଦା ଖାଇବା ଦ୍ୱାରା ଆପଣଙ୍କୁ ଲାଭ ମିଳିଥାଏ । କାରଣ ଗୁଡରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫସଫରସ ରହିଛି । ଏହି ଦୁଇଟି ତତ୍ତ୍ୱ ହାଡ ଶକ୍ତ କରିବାରେ ସହାୟତା କରେ ।

ଏନିମିଆ ରୋଗ : ଗୁଡରେ ପ୍ରଚୁର ପରିମାଣରେ ଆଇରନ ଥିବାରୁ ଏହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଏଥିସହିତ ଏନିମିଆ ରୋଗୀଙ୍କ ପାଇଁ ଗୁଡର ସେବନ ଖୁବ ଉପକାରୀ ହୋଇଥାଏ ।



ଥଣ୍ଡାକାଶ : ଗୁଡ ଗରମ ହୋଇଥିବାରୁ ଥଣ୍ଡା ଦିନରେ ଏହାକୁ ଖାଇଲେ ଶରୀରର ଉଷ୍ମତା ରହିଥାଏ । ଏଥିସହିତ ଥଣ୍ଡା ଓ କାଶ ଭଳି ରୋଗରୁ ରକ୍ଷା କରିଥାଏ । ଗୁଡ ଖାଇଲେ ସଂକ୍ରମଣ ଜନିତ ରୋଗରୁ ବି ମୁକ୍ତି ମିଳିଥାଏ ।

ଗଳା ସମସ୍ୟା : କଳା ଲଙ୍କା, ଅଦା ଓ ଗୁଡକୁ ମିଶାଇ ଖାଇବା ଦ୍ୱାରା ଥଣ୍ଡା ଜ୍ୱର ଦୂର ହୁଏ । ଯଦି ଆପଣ ଗୁଡ ଓ ଅଦାକୁ ଗରମ କରି ଖାଇବେ ତେବେ ଗଳା ଜନିତ ସମସ୍ୟାରୁ ତୁରନ୍ତ ଆରାମ ମିଳିବ ।

ପେଟ ପାଇଁ ଲାଭଦାୟକ: ଯଦି ଆପଣଙ୍କର କୋଷ୍ଠକାଠିନ୍ୟ,ଗ୍ୟାସ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ । ଯଦି ଆପଣଙ୍କର ଆମ୍ବିଳା ହେକୁଟି ଆସୁଛି ତେବେ ଗୁଡ ସହିତ କଳା ଲୁଣ ମିଶାଇ ଖାଆନ୍ତୁ । ଦେଖିବେ ନିହାତି ଆରାମ ଲାଗିବ । ଖାଇବା ପରେ ଗୁଡ ଖାଇବା ଦ୍ୱାରା ହଜମ ଶକ୍ତି ବଢିବା ସହ ଭୋକ ଲାଗିଥାଏ ।

ପେଟ ଥଣ୍ଡା ରଖେ ଗୁଡ : ଖାଇବା ପିଇବା ଠିକ୍ ଭାବେ ନକଲେ ପେଟ ଗରମ ହୋଇଯାଏ । ଏହାସହ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦିଏ । ଏଭଳି କ୍ଷେତ୍ରରେ ଲେମ୍ବୁ ମିଶ୍ରିତ ପାଣିରେ ଗୁଡ ମିଶାଇ ପିଇଲେ ପେଟ ଥଣ୍ଡା ହୋଇଥାଏ ।

ଥଣ୍ଡା-କାଶରୁ ମୁକ୍ତି : ଥଣ୍ଡା କାଶରୁ ମୁକ୍ତି ପାଇବା ଲାଗି ଗୁଡ ଲାଭଦାୟକ । କଳା ଲୁଣ ଏବଂ ଅଦା ସହିତ ଗୁଡ ମିଶାଇ ଖାଇଲେ ଥଣ୍ଡା କାଶରୁ ଆରାମ ମିଳିଥାଏ । ଯଦି କାଶ ଲାଗିରହେ ତେବେ ଗୁଡ ଖାଇବା ଉଚିତ । ଗୁଡ ସହିତ ଅଦା ମିଶାଇ ଗରମ କରି ଖାଇବା ଦ୍ୱାରା ଗଳା ଠିକ୍ ଲାଗିଥାଏ ।

# ସହକର୍ମୀଙ୍କ ସହ ଆଚରଣ



କେବଳ ପରିବାରର ସଦସ୍ୟ ନୁହଁନ୍ତି, କାର୍ଯ୍ୟାଳୟରେ ଆପଣଙ୍କ ସହ କାମ କରୁଥିବା ସହକର୍ମୀଙ୍କ ସହ ଉତ୍ତମ ଏବଂ ନିରାପଦ ସମ୍ପର୍କ ରଖିବା ଜରୁରୀ । ଗୋଟିଏ କାର୍ଯ୍ୟାଳୟରେ ସମସ୍ତଙ୍କ ସହ ଉତ୍ତମ ବୁଝାମଣା ନରଖିଲେ ତାହା କ୍ୟାରିଅରକୁ ବେଶ୍ ପ୍ରଭାବିତ କରେ । କାର୍ଯ୍ୟାଳୟରେ ଆପଣ ନିଜ ସହକର୍ମୀଙ୍କ ସହ କିପରି ଆଚରଣ ପ୍ରଦର୍ଶନ କରିବେ, ତାହା ନିମ୍ନରେ ଉଲ୍ଲେଖ କରାଗଲା ।

◆ କାର୍ଯ୍ୟାଳୟ ଚାଲିଥିବା ସମୟରେ ସବୁବେଳେ ନିଜ କାମ ପ୍ରତି ଧ୍ୟାନ ଦିଅନ୍ତୁ । କେବଳ କାମ ପ୍ରସଙ୍ଗରେ ସହକର୍ମୀମାନଙ୍କ ସହ ଆଲୋଚନା କରନ୍ତୁ ।

◆ କାମ ସମୟରେ ଚାପ ରହିବା ସ୍ୱାଭାବିକ । ତେଣୁ କାହା କାମରେ ତ୍ରୁଟି ଦେଖିଲେ ଉତ୍ତେଜିତ ହୋଇ ବଡ଼ ପାଟିରେ ଗାଳି ଦିଅନ୍ତୁନାହିଁ । ବରଂ ସୁଧାରିବା ଲାଗି ପରାମର୍ଶ ଦିଅନ୍ତୁ । ସବୁବେଳେ ନିଜକୁ ନିୟନ୍ତ୍ରଣରେ ରଖନ୍ତୁ ।

◆ କାହା ବିରୁଦ୍ଧରେ ଉପରିସ୍ଥ କର୍ମଚାରୀଙ୍କଠାରେ ଅଭିଯୋଗ ଆଣିବା ପୂର୍ବରୁ ନିଜ ସ୍ତରରେ ଆଲୋଚନା ମାଧ୍ୟମରେ ସୁଧାରିବା ଲାଗି ଚେଷ୍ଟାକରନ୍ତୁ ।

◆ କାମରେ ତ୍ରୁଟି ହେଲେ ଉପରିସ୍ଥ କର୍ମଚାରୀ ଆପଣଙ୍କୁ ଗାଳିକରିବା ସ୍ୱାଭାବିକ ଘଟଣା । ଏହାକୁ ନେଇ ମନରେ ତାଙ୍କ ପ୍ରତି ରାଗ ରଖନ୍ତୁନାହିଁ । ବରଂ ନିଜ କାମ ଯେପରି ସବୁଠାରୁ ଭଲ ହୋଇପାରିବ, ସେଥିପ୍ରତି ଧ୍ୟାନଦିଅନ୍ତୁ ।

◆ କୌଣସି କର୍ମଚାରୀଙ୍କ ପଛରେ ଟିପ୍ପଣୀ ଦେବା ଏକ ସବୁଠାରୁ ବଡ଼ ଖରାପ ଅଭ୍ୟାସ । ପରନିନ୍ଦା, ପରଚର୍ଚ୍ଚାଠାରୁ ସର୍ବଦା ନିଜକୁ ଦୂରେଇ ରଖନ୍ତୁ । ଏଭଳି କରିବା ଦ୍ୱାରା ଆପଣଙ୍କର ଭାବମୂର୍ତ୍ତି ନିଶ୍ଚିତ ନଷ୍ଟ ହେବ ।

◆ ଅବସର ସମୟରେ କୌଣସି କର୍ମଚାରୀଙ୍କ ସହ ଆଲୋଚନା ବେଳେ ଭାବପ୍ରବଣତାଠାରୁ ନିଜକୁ ଦୂରେଇ ରଖନ୍ତୁ । ବାକ୍ ସଂଯମତା ରକ୍ଷା କରନ୍ତୁ । ଉଚିତ୍ ସମୟରେ ଉଚିତ୍ କଥା କହନ୍ତୁ । ଯାହା ଦ୍ୱାରା ଆପଣଙ୍କ ଆତ୍ମସମ୍ମାନ ବଜାୟ ରହିପାରିବ ।



# ସହଜ ଉପାୟରେ ଦୂର କରନ୍ତୁ ବେକର କଳାପଣ

ପ୍ରାୟତଃ ଯୁବତୀମାନେ ନିଜ ମୁହଁରେ ଅଧିକ ଧ୍ୟାନ ଦିଅନ୍ତି । କିନ୍ତୁ ଏହା ଚକ୍କରରେ ବେକର ସୁନ୍ଦରତା ପ୍ରତି ଧ୍ୟାନ ଦେବାକୁ ଭୁଲିଯାଆନ୍ତି । ଏପରି ବେକକୁ ଅଣଦେଖା କରିବା ଦ୍ୱାରା ବେକରେ କଳାପଣ ସମସ୍ୟା ବଢିଯାଏ । ଯୁବତୀମାନେ



ଗାଧୋଇବା ସମୟରେ ବେକରେ ସାବୁନ ଲଗାଇ ରଗଡି କରି ସଫା କରନ୍ତି । ଫଳରେ ବେକ ଲାଲ ପଡିବା ସହ ଖଣ୍ଡିଆ ମଧ୍ୟ ହୋଇଯାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି କେବେ ଉପାୟ ବିଷୟରେ ଜଣାଇବୁ, ଯାହା ଆପଣଙ୍କ ଏପରି ସମସ୍ୟା ଦୂର କରିବ । ଆସନ୍ତୁ ଜାଣିବା କ'ଣ ସବୁ ଏହି ଉପାୟ ।

ଆଳୁ ଏବଂ ଲେମ୍ବୁ ରସ : ଚିନି ବ୍ୟତୀତ ଆଳୁ ଏବଂ ଲେମ୍ବୁ ରସ ମଧ୍ୟ ବେକର କଳାପଣ ଦୂର କରିବାରେ ବେଶ ସହାୟକ ହୋଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଦାଗ ଦୂର କରିଥାଏ । ପ୍ରତିଦିନ ସକାଳେ ଗାଧୋଇବା ପୂର୍ବରୁ ୧ଚାମଚ ଆଳୁ ରସ ଏବଂ ଚାମଚ ଲେମ୍ବୁ ରସ ମିଶାଇ ବେକରେ ଲଗାନ୍ତୁ । ୧୦ରୁ୧୫ ମିନିଟ୍ ରଖିବା ପରେ ଗାଧୋଇପଡନ୍ତୁ । ୧ ସପ୍ତାହ ଏହାକୁ ଲଗାଇବା ପରେ ବେକରୁ କଳାଦାାଗ ଦୂର ହୋଇଥାଏ ।

ଚିନି : ବେକ କଳାପଣ ଦୂର କରିବା ପାଇଁ ସବୁଠାରୁ ସହଜ ଉପାୟ ଚିନି ବ୍ୟବହାର କରିବା । ଏଥିପାଇଁ ବେକକୁ ଅଳ୍ପ ପାଣିରେ ଓଦା କରିଦିଅନ୍ତୁ । ଏହାପରେ ୧-୨ ଟେବୁଲସ୍ପୁନ ଚିନି ନେଇ ସ୍କ୍ରବ ଭଳି ବେକରେ ରଗଡନ୍ତୁ । ୧୦ରୁ ୧୫ ମିନିଟ ରଗଡିବା ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

ଚିନି ପାଣି : ଦୁଇ ଟେବୁଲସ୍ପୁନ ଚିନିକୁ ଅଳ୍ପ ପାଣିରେର ଫୁଟାଇ ଦିଅନ୍ତୁ । ଏହାକୁ ଥଣ୍ଡା ହେବା ପରେ ମିଶ୍ରଣକୁ ନେଇ ହାଲକା ବେକରେ ମସାଜ କରନ୍ତୁ । ଅଳ୍ପ ସମୟ ପାଇଁ ଏହାକୁ ରଖିବାକୁ ଦିଅନ୍ତୁ । ଏପରି କରିବା ଦ୍ୱାରା ବେକ ସଫା ହେବା ସହିତ ମୁଲାୟମ, ଉଜ୍ଜ୍ୱଳ ଦେଖାଯିବ ।

# ଇନେ୍ୱକ୍ ଓମେନ୍ ବିଜନେସ୍ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୪ (ମହାଭାରତ):** ଇଣ୍ଡିଆ ନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ଇନେ୍ୱକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି।

ଏହି ଅବସରରେ ସେ କହିଛନ୍ତିଯେ, ଇନେ୍ୱକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳା ମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ । ଆମେ ନିକଟରେ, ଉତ୍କର୍ଷ ଓଡିଶା-ମେକ ଇନ ଓଡିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ ଏବଂ ସେଥିରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ। ଅର୍ଥନୀତି କ୍ଷେତ୍ରରେ ମହିଳା ମାନଙ୍କ ଯୋଗଦାନ ରହିଛି ଏବଂ ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ହିଁ ଏହାର ଜ୍ୱଳନ୍ତ ଉଦାହରଣ।

ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ




ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତ୍ତାବହ ଏବଂ ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ । ତେବେ, ସମସ୍ତଙ୍କ ପାଇଁ ଖୁସିର ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ସେ କହିଥିଲେ।

ସେ ପୁଣି କହିଥିଲେଯେ, ଆମେ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଆର୍ଥିକ ପ୍ରବେଶରେ ନିବେଶ କରୁଛୁ ଏବଂ ଓଡ଼ିଶାକୁ ଓମେନ-ଲେଡ୍ ବିକାଶର ଏକ କେନ୍ଦ୍ର ଭାବେ ଗି ତୋଳିବାରେ ଇନେ୍ୱକ୍ ଓମେନ୍ ବିଜନେସ୍ ମେଳା ଭଳି କାର୍ଯ୍ୟକ୍ରମ ଖୁବ୍ ସହାୟକ ହେବ।୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମହିଳା ମାନେ ହେବେ ଶ୍ରେଷ୍ଠ ଭାଗୀଦାର ଏବଂ ଆମ ସରକାର ଏଥି ପାଇଁ ପୁରା ସମର୍ଥନ ଯୋଗାଇ ଦେବେ।

କାର୍ଯ୍ୟକ୍ରମରେ ଯୋଗଦେଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେଯେ ଏହି ସମାବେଶ, ଓଡିଆ । ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଓଡ଼ିଶା ବିକାଶରେ ମହିଳା ଉଦ୍ୟୋଗୀ ମାନେ ହିଁ ଏକ ସମୃଦ୍ଧ ପରିବର୍ତ୍ତନର ସ୍ୱର।

ଏହି ଅବସରରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟକୁ ସଫଳତାର ରୂପାୟନ ଦେଇ ମହିଳା ମାନେ ଆଜି ପାରମ୍ପରିକ ଉଦ୍ୟୋଗ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ହେଉଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଚେୟାରପର୍ସନ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଇନ୍-ଓ୍ୱେକ୍ ର କୋ-କନଭେନର, ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ, ପ୍ରୀତି ପଲ୍ଲବୀ ପଟନାୟକ, କନଭେନର, ଧର୍ମାଦିତ୍ୟ ପଟନାୟକ ପ୍ରମୁଖ ମଂଚାସୀନ ଥିଲେ।

# 'ରନ୍ ଫର୍ ୱାନ୍ ନେସନ, ୱାନ୍ ଇଲେକ୍ସନ'ର ଶୁଭାରମ୍ଭ

**ଭୁବନେଶ୍ୱର,୩୦।୪ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ରନ୍ ଫର୍ ୱାନ୍ ନେସନ୍, ୱାନ୍ ଇଲେକ୍ସନ୍ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏପରି ପ୍ରୟାସକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଦେଶରେ କୌଣସି ନୂଆ ବିଚାରର କ୍ରିୟାନ୍ୱୟନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ ସଶକ୍ତ ପରମ୍ପରା ଅଛି। ଗୋଟିଏ ରାଷ୍ଟ୍ର- ଗୋଟିଏ ନିର୍ବାଚନ ସପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏଭଳି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଗୋଟିଏ ରାଷ୍ଟ୍ର- ଗୋଟିଏ ନିର୍ବାଚନ ଉପରେ ବିମର୍ଶ ଆଜି କେବଳ ସଂସଦ ପର୍ଯ୍ୟନ୍ତ ନୁହେଁ ବରଂ ଜନମାନସର ଏକ ଅଭିଯାନ ବନାଯାଉଛି। ଅର୍ଥାତ୍ ୱାନ୍ ନେସନ, ୱାନ୍ ଇଲେକ୍ସନ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି। ଆଜି ଆମେ ଦୌଡୁଛୁ, ଦେଶର ବିକାଶ ଏବଂ ଭବିଷ୍ୟତ ପାଇଁ । କିଛି ବି ବଡ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା କରିବା ପାଇଁ ଜନଭାଗିଦାରୀ ଆବଶ୍ୟକ। ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା।

ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଏବଂ ୱାନ ନେସନ ୱାନ ଇଲେକ୍ସନର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ଜନ ଆନ୍ଦୋଳନ। ଏହି କାର୍ଯ୍ୟକ୍ରମ ସେହି ବିଚାରର ସାର୍ବଜନୀନ ପ୍ରତିଫଳନ - ଏହା କେବଳ ଏକ ଗଣଦୌଡ଼ ନୁହେଁ, ବରଂ ୨୦୪୭ ପର୍ଯ୍ୟନ୍ତ ଭାରତକୁ ଏକ ମଜଭୁତ୍ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଏକ ସଂକଳ୍ପ ଯାତ୍ରା ଅଟେ। ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

# ବ୍ୟାରେଜ ବନ୍ଦ : ଶୁଖିଗଲାଣି ମହାନଦୀ

**ଭୁବନେଶ୍ୱର,୩୦।୪ (ମହାଭାରତ):** ଓଡ଼ିଶାରେ ମହାନଦୀର ପ୍ରବେଶସ୍ଥଳ ଶୁଖାସୋଡ଼ାରେ ନଦୀଶଯ୍ୟା ଶୁଖିଗଲାଣି। ୭ ବର୍ଷ ତଳେ ଯେଉଁ ଶୁଖାସୋଡ଼ାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମହାନଦୀ ସୁରକ୍ଷା ଅଭିଯାନ ଘୋଷଣା କରିଥିଲେ, ସେଠାରେ ଏବେ ପାଣି ନାହିଁ । ଏଥିପାଇଁ ଛତିଶଗଡ଼ର ବ୍ୟାରେଜ୍ ନିର୍ମାଣ ଏବଂ ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତାକୁ ଲୋକ ଦାୟୀ କରିଛନ୍ତି। ରାଜନୈତିକ ମହଲରେ ଏନେଇ ଦୋଷ ଲଦାଲଦି ଚାଲିଛି। ଓଡ଼ିଶାରେ ମହାନଦୀର ପ୍ରବେଶସ୍ଥଳ ଝାରସୁଗୁଡ଼ା ଜିଲ୍ଲା ଶୁଖାସୋଡ଼ାରେ ଏବେ ଏଭଳି ଅବସ୍ଥା। ବିଗତ ବର୍ଷଗୁଡ଼ିକରେ ଏହିସ୍ଥାନରେ କିଛିକିଛି ପାଣି ରହୁଥିଲା। କିନ୍ତୁ ଏବର୍ଷ ସେତକ ବି ନାହିଁ । ଫଳରେ ଚାଷକାମ ହୋଇପାରୁନି । ମତ୍ସ୍ୟଜୀବୀ ମଧ୍ୟ ହତାଶ ହୋଇପଡ଼ିଛନ୍ତି। ମହାନଦୀରେ ପାଣି ନଥିବାରୁ ମାଛମରା ଡଙ୍ଗାଗୁଡ଼ିକ ଶୁଖିଲାରେ ପଡ଼ିଛି। ଏହି ଅଞ୍ଚଳରେ ଚାଷରୁ ଆରମ୍ଭ କରି ପାନୀୟଜଳ, ମତ୍ସ୍ୟ ଉତ୍ପାଦନ, ପର୍ଯ୍ୟଟନ ସବୁ କିଛି ମହାନଦୀ ଉପରେ ନିର୍ଭର କରୁଥିଲା। କିନ୍ତୁ ମହାନଦୀ ପାଣି ନଥିବାରୁ ଲୋକ କାମ ଧନ୍ଦା



ନପାଇ ଦାଦନ ଯିବାକୁ ବାହାରିଲେଣି।

ଛତିଶଗଡ଼ କଲ୍ମା ବ୍ୟାରେଜ୍ ନିର୍ମାଣ କରିବା ପୂର୍ବରୁ ଶୁଖାସୋଡ଼ାରେ ବର୍ଷ ତମାମ୍ ପ୍ରାୟ ୩୦ ଫୁଟ୍ ଗଭୀର ପାଣି ରହୁଥିଲା। କଲମା ବ୍ୟାରେଜ ପାଇଁ କେବଳ ଶୁଖାସୋଡ଼ା ନୁହେଁ, ମହାନଦୀ ପ୍ରବାହିତ ଓଡ଼ିଶାର ୧୫ଟି ଜିଲ୍ଲାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ପିସିସି ସଭାପତି ଭକ୍ତଚରଣ ଦାସ ଟ୍ରିପଲ୍ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୂର୍ବ ସରକାରକୁ ଦାୟୀ କରିବା ସହ ବର୍ତ୍ତମାନର ବିଜେପି ସରକାର ମହାନଦୀ ଜଳ ବିବାଦର ସମାଧାନ ପାଇଁ ଉଦ୍ୟମ କରୁଥିବା କହିଛନ୍ତି। ଓଡ଼ିଶାର ସ୍ୱାର୍ଥ ସହ ସାଲିସ ହେବ ନାହିଁ।

ରାଜ୍ୟରେ କ୍ଷମତାକୁ ଆସୁ ଆସୁ ବିଜେପି ସରକାର ଏପରି ଘୋଷଣା କରିଥିଲା। ଇତିମଧ୍ୟରେ ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ କ୍ଷମତାକୁ ଆସିବାର ୧୦ ମାସ ପୂରିଲାଣି।

ଗୋଟାଏ ଗୋଟାଏ କରି ଛତିଶଗଡ଼ ସରକାର କଲମା ବ୍ୟାରେଜ୍‌ର ସବୁ ଫାଟକ ବନ୍ଦ କରି ଦେଇଛନ୍ତି। ବ୍ୟାରେଜର ୬୬ଟି ଫାଟକ ମଧ୍ୟରୁ ୬୫ଟି ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ କେବଳ ଲୋକ ଦେଖାଣିଆ। ଭାବରେ ଗୋଟିଏ ଫାଟକ ମାତ୍ର ୫ ସେଣ୍ଟିମିଟର ଖୋଲା ଯାଇଛି। ଏହି ଫାଟକ ଦେଇ ଆସୁଥିବା ପାଣି ତଳକୁ ବହିବା ପରିବର୍ତ୍ତେ ସେଇଠାରେ ଶୋଷିଲା ମହାନଦୀ ଗର୍ଭରେ ଲୀନ ହୋଇଯାଉଛି। ଫଳରେ ଚଳିତ ବର୍ଷ ଏପ୍ରିଲ ଆରମ୍ଭରୁ ବ୍ୟାରେଜର ଅପରପାର୍ଶ୍ୱରେ ଛତିଶଗଡ଼ ପାଇଁ ଅକାତକାତ ପାଣି ସଂରକ୍ଷିତ ହୋଇ ରହିଛି ଓ ତଳପଟେ ଓଡ଼ିଶା ପାଇଁ ମୁନ୍ଦେ ବି ପାଣି ମିଳୁନାହିଁ। ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୁଖାସୋଡ଼ା ନିକଟରେ ବି ସମାନ ଅବସ୍ଥା। ସୁଖାସୋଡ଼ାରେ ଶୁଖିଲା ମହାନଦୀ ବଖାଣୁଛି ଟ୍ରିପଲ୍ ଇଞ୍ଜିନର ବିଫଳତା କଥା।

ଓଡ଼ିଶା, ଛତିଶଗଡ଼, କେନ୍ଦ୍ରରେ ବିଜେପି ସରକାର ହେଲେ ବି ଛତିଶଗଡ଼-ଓଡ଼ିଶା ମହାନଦୀ ବିବାଦ ଏଯାଏଁ ସମାଧାନ ହେଉନି। ଫଳରେ ମାର୍ଚ୍ଚ ଶେଷ ସପ୍ତାହରୁ କଲମାରୁ ଟୋପାଏ ବି ପାଣି ଆସୁନି। ଯେଉଁ ସୁଖାସୋଡ଼ାରେ କିଛି ବର୍ଷ ପୂର୍ବରୁ ଖରାଦିନେ ବି ମହାନଦୀ ଲହଡ଼ି ଭାଙ୍ଗୁଥିଲା; ଆଜି ସେହି ସୁଖାସୋଡ଼ାରେ ମହାନଦୀରେ ଉଡୁଛି ଧୂଳିୟ ପରିଣତିସ୍ୱରୂପ ସାରା ବର୍ଷ ମହାନଦୀ ଜଳରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ଏବେ ରୋଜଗାରରୁ ହରାଇଛନ୍ତି।

# ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନ ଓ ଦର୍ଶନ ବକ୍ତୃତା

**ଭୁବନେଶ୍ୱର,୩୦।୪ (ମହାଭାରତ):** ରାମକୃଷ୍ଣ ମିଶନ ବିବେକାନନ୍ଦ ଲାଇବ୍ରେରୀଠାରେ ସ୍ୱାମୀ ମହେଶତ୍ମାନନ୍ଦଜୀଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତାଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ହରମୋହନ ମିଶ୍ର ଯୋଗଦେଇ କହିଲେ ଯେ ଶ୍ରୀ ଶଙ୍କରାଚାର୍ଯ୍ୟ ବାଲ୍ୟକାଳରୁ ଜଣେ ଅସାଧାରଣ ମେଧା ଓ ଗଭୀର ଆଧ୍ୟାତ୍ମିକ ଅନୁଭୂତି ସମ୍ପନ୍ନ ବାଳକ ଥିଲେ। ମାତ୍ର ଆଠ ବର୍ଷ ବୟସରେ ସେ ବେଦାଦି ଶାସ୍ତ୍ର ଅଧ୍ୟୟନ ସମ୍ପୂର୍ଣ୍ଣ କରିଥିଲେ ଏବଂ ଷୋହଳ ବର୍ଷ ବୟସରେ ପ୍ରାଚୀନ ଧର୍ମ ଗ୍ରନ୍ଥ ଉପରେ ଭାଷ୍ୟ ରଚନା କରିଥିଲେ। ତାଙ୍କ ଦ୍ୱାରା ରଚିତ ଭାଷ୍ୟ ସର୍ବୋପରି ଏକ ପ୍ରାମାଣିକ ଗ୍ରନ୍ଥ।

ସ୍ୱାମୀ ମହେଶତ୍ମାନନ୍ଦ କହିଲେ ଯେ, ଶଙ୍କରାଚାର୍ଯ୍ୟଙ୍କର ବିଶେଷତ୍ୱ କେବଳ ତାଙ୍କ ଜ୍ଞାନରେ ସୀମାବଦ୍ଧ ନଥିଲା ବରଂ ସେ ତତ୍କାଳୀନ ଧର୍ମୀୟ ଓ ଦାର୍ଶନିକ ସଂଶୟ ଦୂର କରି ଅଦ୍ୱୈତ ବେଦାନ୍ତର




ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ। ସେ ଶିଖାଇଲେ ଯେ ଈଶ୍ୱର ବାହାର ନାହାନ୍ତି ବରଂ ଜୀବନର ଆତ୍ମସ୍ୱରୂପ। ତାଙ୍କ ଦ୍ୱାରା ରଚିତ ଭକ୍ତିମୂଳକ ସ୍ତୋତ୍ର ଯେପରି 'ଭଜଗୋବିନ୍ଦମ' ବ୍ୟକ୍ତିକୁ ଆତ୍ମଜ୍ଞାନ ଓ ଭକ୍ତିପଥରେ ନେଇଯାଏ। ତାଙ୍କର ଜୀବନକାଳ ସଂକ୍ଷିପ୍ତ ଥିଲା, ମାତ୍ର ୩୨ ବର୍ଷ ବୟସରେ ସେ ଦେହତ୍ୟାଗ କରିଥିଲେ, ତଥାପି ସେ ଆଧ୍ୟାତ୍ମିକ ଜଗତରେ ଏକ ଚିରନ୍ତନ ଚିହ୍ନ ରଖିଯାଇଛନ୍ତି। ଆଜି ମାନବସମାଜ ଯେତେବେଳେ ବିଭାଜିତ, ତାଙ୍କର ଅଦ୍ୱୈତବାର୍ତ୍ତା ଯାହାହେଲା ଆମେ ସମସ୍ତେ ଏକ ତାହା ଶାନ୍ତିର ଏକ ଅନନ୍ୟ ଉପାୟ ହୋଇପାରେ। କାର୍ଯ୍ୟକ୍ରମରେ ସ୍ୱାମୀ ଅଦ୍ୱୟାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପରମେଶ୍ୱର ଧଳ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଚାଳନ କରିବାରେ ଜିତେନ୍ଦ୍ର ରଣା, ଅଭିମନ୍ୟୁ ନାୟକ, ରମେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଶାସନ ପ୍ରକ୍ରିୟାକୁ ସହଜ ଓ ସରଳ କରି ଜନସାଧାରଣଙ୍କୁ ସେବା ପ୍ରଦାନ କର

**ଭୁବନେଶ୍ୱର,୩୦।୪ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ବାର୍ଷିକ କାର୍ଯ୍ୟଯୋଜନା ଏବଂ ଶାସନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେବା ପ୍ରଦାନରେ ବିଭିନ୍ନ ସ୍ତରରେ ବିଳମ୍ବିତ ହେଉଥିବା କାରଣକୁ ଅନୁଧ୍ୟାନ କରିବା, ପ୍ରକ୍ରିୟାକୁ ସହଜ ଓ ସରଳ କରି କିପରି ଜନସାଧାରଣଙ୍କୁ ଉଦ୍ଦିଷ୍ଟ ସେବା ଶୀଘ୍ର ପ୍ରଦାନ କରାଯାଇ ପାରିବ, ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ଥାନୀୟ ଅଞ୍ଚଳ ଏବଂ ଆଞ୍ଚଳିକ ଉନ୍ନୟନ ଯୋଜନା ଯଥା ଏମପିଲାଡ, ଏମଏଲଏ ଲାଡ, କେବିକେ ବିକାଶ



ଯୋଜନା, କନ୍ଧମାଳ ଓ ଗଜପତି ବିକାଶ ଯୋଜନା ସମ୍ପର୍କରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ସମୟ ସୀମା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମଏଫ)ର କାର୍ଯ୍ୟକାରିତା ପାଇଁ ତଦାରଖ ଓ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବୈଠକରେ ସହମତିପ୍ରକାଶ ପାଇଥିଲା। ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାରେ କି କି ଅସୁବିଧା ପରିଲକ୍ଷିତ ହେଉଛି, ସେସବୁକୁ ଜାଣିବା ପାଇଁ ରଣନୀତି ଚିହ୍ନଟ କରିବା, ବ୍ୟବସ୍ଥାରୁ ଅନାବଶ୍ୟକତାକୁ ଦୂର କରି ଏହାକୁ ସରଳ କରିବା ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧିକରି ପ୍ରଭାବଶାଳୀ ଶାସନ ଉପରେ ଅଧିକାରୀମାନେ ଆଲୋଚନା କରିଥିଲେ।

# ଅକ୍ଷି ମୁଠି ଅନୁକୂଳ କଲେ ରାଜ୍ୟପାଳ

**ଭୁବନେଶ୍ୱର,୩୦।୪ (ମହାଭାରତ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି। ଆଜି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ଏବଂ ରାଜ୍ୟବାସୀ ତଥା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ



କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଛନ୍ତି। ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।

# ଡିଏଭି ପୋଖରୀପୁଟରେ ସ୍ୱାଭିମାନ ଦିବସ




**ଭୁବନେଶ୍ୱର,୩୦।୪ (ମହାଭାରତ):** ଡିଏଭି ପୋଖରୀପୁଟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସ୍ୱାଭିମାନ ଦିବସ ପ୍ରାତଃ ସମୟରେ ପାଳିତ ହୋଇଯାଇଛି। ଗ୍ରୀଷ୍ମର ପ୍ରଚଣ୍ଡ ପ୍ରବାହକୁ ଆଧାର କରି ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ବନ୍ଦଥିବା ସତ୍ତ୍ୱେ ବିଦ୍ୟାଳୟର ସମସ୍ତ ନିରୀକ୍ଷକ-ନିରୀକ୍ଷିକାଙ୍କ କରକମଳରେ ମଧୁବାବୁଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ସମସ୍ତ ବିଦ୍ୟାର୍ଥୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମଧୁବାବୁଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ସହିତ ଓଡ଼ିଶା ମାଟି ପାଇଁ କିଛି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ଶୁଭ୍ରାଂଶୁ ମୋହନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବରିଷ୍ଠ ଶିକ୍ଷକ ନରୋତ୍ତମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ରକ୍ଷଣପ୍ରଭା ନନ୍ଦ, ଝରଣା ମିଶ୍ର, ଶିକ୍ଷକ କେଶବ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ପଣ୍ଡା, ଶକ୍ତିପ୍ରସନ୍ନ ମହାନ୍ତି, ସନ୍ତୋଷ କୁମାର କରଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ମଣ୍ଡିତ ହୋଇଥିଲା।

# ୨୫୮ ଯୁବକ ଯୁବତୀଙ୍କୁ ନିଯୁକ୍ତି

**ଭୁବନେଶ୍ୱର,୩୦।୪ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ହର୍ଷ ମାଲହୋତ୍ରା ୨୫୮ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକ୍ରମେ ୨୦୨୨ ଠାରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି । ଆଜି ପଂଚଦଶ ରୋଜଗାର ମେଳା ଆୟୋଜନ କରାଯାଉଛି । ସେ ଆହୁରି କହିଥିଲେ, ମୋଦୀଜୀଙ୍କ ସୁଶାସନ ଏବଂ ଦୂରଦୃଷ୍ଟି କାରଣରୁ ପୂର୍ବ ସରକାରଙ୍କ ତୁଳନାରେ ବର୍ତ୍ତମାନର ସରକାର ଦେଢ଼ଗୁଣ ଅଧିକ ନିଯୁକ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାରୀ ନୀତିରେ ପାରଦର୍ଶିତା ଆସିଛି । ସୁଶାସନର ଅନେକ ନୂଆ ମାନଦଣ୍ଡ ପ୍ରତିଷ୍ଠା ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି । ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତାହାର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ । ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କର ଆକାଂକ୍ଷା ପୂରଣ ହେଉଛି ।

# ସୋଆରେ ଆନ୍ତର୍ଜାତିକ ବିହନ ଦିବସ

**ଭୁବନେଶ୍ୱର,୩୦।୪ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍)ର ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଶନିବାର ମେଣ୍ଢାଶାଳ ଗ୍ରାମପଂଚାୟତ କାର୍ଯ୍ୟାଳୟ ସଭାଗୃହରେ ଅଂଚଳର ପ୍ରାୟ ୭୦ ଜଣ ଚାଷୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଆର୍ନ୍ତଜାତୀକ ବିହନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଉପଦେଷ୍ଟା ଡ. ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଗ୍ରାମପଂଚାୟତର ସରପଂଚ ଶ୍ରୀମତି କୌଶଲ୍ୟା ବଳବନ୍ତରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୀଜବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ଡ. ଶାନ୍ତନୁ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧ୍ୟାପକ ଡ. ବ୍ରଜ କିଶୋର ସାହୁ,



ଡ. ରବି କୁମାର ପଟ୍ଟନାୟକ, ଡ. ସରୋଜ କୁମାର ମହାନ୍ତି, ଡ. ବଂଶୀଧର ପ୍ରଧାନ, ଡ. ଗୌରହରି ସାନ୍ତରା ଓ ଡ. ସନ୍ତୋଷ କୁମାର ପଣ୍ଡା ଆଦି କୃଷକମାନଙ୍କୁ ଉନ୍ନତ ବିହନର ଉପାଦେୟତା, ଗୁଣବତା, ବୃଦ୍ଧି ପ୍ରକ୍ରିୟା ଓ ସଂରକ୍ଷଣ ବିଷୟରେ ବୁଝାଇ ଥିଲେ। ଶିକ୍ଷାନୁଷ୍ଠାନର ସହକାରୀ ଅଧ୍ୟାପକ ଡ. ଅଂଶୁମାନ ଜେନା, ଡ. ଏସ୍. ପି ମୋନାଲିସା, ଡ. ରାମକୃଷ୍ଣ ବସ୍ତିଆ, ଡ. ଚିରଞ୍ଜିବୀ କୁଲକର୍ଣ୍ଣୀ ଓ ଡ. ଜ୍ୟୋତିର୍ମୟୀ ମିଶ୍ର ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବା ସହ ସଭା ପରିଚାଳନା କରିଥିଲେ। ସଭାର ଶେଷରେ ବୀଜ ବିଜ୍ଞାନ ବିଭାଗର ସ୍ନାତକ ଛାତ୍ରଛାତ୍ରୀ ମାନେ ମଧ୍ୟ ବିଭିନ୍ନ ବିହନ ସଂରକ୍ଷଣ ଓ ପରୀକ୍ଷା ପଦ୍ଧତିକୁ ବୁଝାଇ ଥିଲେ। ପରିଶେଷରେ ଗ୍ରାମର ଦୁଇ ଜଣ ସଫଳ ଚାଷୀ ବିଦୁରଞ୍ଜନ ସାମନ୍ତରାୟ ଓ ଭାସ୍କର ଚନ୍ଦ୍ର ସୁବୁଦ୍ଧିଙ୍କୁ ଶିକ୍ଷାଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା।

## ଦେଶରେ ଅନୁପ୍ରବେଶକାରୀ

ଗତ ୬୦ ବର୍ଷ ଭିତରେ ଓଡ଼ିଶାରେ ଅତି କମରେ ୬୦ ଲକ୍ଷ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି। ଏଠାରେ ସେମାନେ ସ୍ଥାୟୀ ନାଗରିକ ଭଳି ବସବାସ କରୁଛନ୍ତି ଏବଂ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଉଛନ୍ତି। ଭାରତବାସୀଙ୍କ ଖାଦ୍ୟ, ବସ୍ତ୍ର, ବାସଗୃହରେ ସେମାନେ ଭାଗ ବସାଉଛନ୍ତି। ଓଡ଼ିଶାର ସାମାଜିକ ଏବଂ ଅର୍ଥନୈତିକ ଦୁର୍ଗତିର ଏହା ଏକ ବଡ଼ କାରଣ। ଏଥିରେ ପଶ୍ଚିମବଙ୍ଗର ଭୂମିକା ସବୁଠାରୁ ସମାଲୋଚନାଯୋଗ୍ୟ। ପଶ୍ଚିମବଙ୍ଗରେ ଦୀର୍ଘ ବର୍ଷ ହେବ ବାମପନ୍ଥୀ ଶାସନ ଚାଲିଥିଲା। ପରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ ଶାସନ ଚାଲିଛି। ଉଭୟ ସରକାର ବାଂଲାଦେଶୀ ଅନୁପ୍ରବେଶକରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ମମତା ବାଂଲାଦେଶୀ ଏବଂ ରୋହିଙ୍ଗିୟାମାନଙ୍କୁ ନିଜ ରାଜ୍ୟକୁ ଆମନ୍ତ୍ରଣ କରୁଛନ୍ତି, ସେମାନଙ୍କୁ ଥଇଥାନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ପରବର୍ତ୍ତୀ ସମୟରେ ଓଡ଼ିଶାକୁ ଚାଲିଆସୁଛନ୍ତି। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଠାରେ ଅନୁପ୍ରବେଶକାରୀଙ୍କୁ ଯାଞ୍ଚ କରିବା ଲାଗି କଡ଼ା ବ୍ୟବସ୍ଥା ବା ଆଇନ ନାହିଁ। ତେଣୁ ଓଡ଼ିଶା ଉପକୂଳରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଛାଇ ଯାଇଛନ୍ତି। କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଏଭଳି ଅନେକ ବାଂଲାଦେଶୀ ବାସକରୁଛନ୍ତି। ସେମାନେ ସରକାରୀ ଜମି ଜବରଦଖଲ କରି ବାସଗୃହ ନିର୍ମାଣ କରିଛନ୍ତି, ଚାଷବାସ କରି ବେଶ ସ୍ୱଚ୍ଛନ୍ଦରେ ଅଛନ୍ତି। ଅନ୍ୟ ପକ୍ଷରେ ପ୍ରକୃତ ସ୍ଥାନୀୟବାସିନ୍ଦା ସେମାନଙ୍କ ତୁଳନାସିନ୍ଦା ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି। ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଥିବା କିଛି ରାଜନୈତିକ ଦଳ ସେମାନଙ୍କୁ ସୁରକ୍ଷା ଏବଂ ସମର୍ଥନ ସହ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରୁଥିବାରୁ ଆଜି ଏହି ଅବସ୍ଥା। ଏବେ କିଛି ବାଂଲାଦେଶୀ ଅନୁପ୍ରବେଶକାରୀ ଯୁବକଙ୍କୁ କମିଶନରେଟ ପୋଲିସ ଧରିଛି। ସେମାନେ ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଓଡ଼ିଶା ଆସିଛନ୍ତି। ଏଥିରୁ ଅନୁପ୍ରବେଶ ସମସ୍ୟାର ମୂଳ ଚେର କେଉଁଠି ତାହା ସହଜରେ ଅନୁମେୟ। ଆସାମରେ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ବିଜେପି କ୍ଷମତା ଦଖଲ କରିବା ପରେ ସେଠାରେ ଅନୁପ୍ରବେଶ ସମସ୍ୟା ନିୟନ୍ତ୍ରିତ ହୋଇଛି। ତ୍ରିପୁରାରେ ମଧ୍ୟ ବିଜେପି ସରକାର ଆସିବା ପରେ ସେଠାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ହ୍ରାସ ପାଇଛି। କିନ୍ତୁ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରୁଛନ୍ତି। ଏଥିର ସାରା ଦେଶ ପ୍ରଭାବିତ ହେଉଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶରୁ ଅନୁପ୍ରବେଶକାରୀ ବା ଅବୈଧ ପ୍ରବାସୀଙ୍କୁ ବିଥାଡ଼ିତ କରିବା ନିମନ୍ତେ ଯୋରଦାର ଅଭିଯାନ ଚଳାଇଛନ୍ତି। ଆମେରିକାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଏଭଳି କରୁଛନ୍ତି। କିନ୍ତୁ ଭାରତରେ କିଛି ରାଜନେତା ଏହାକୁ ନାପସନ୍ଦ କରୁଛନ୍ତି ଏବଂ ମାନବିକତା ଆଳରେ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହା ଅତୀବ ନିନ୍ଦନୀୟ ଏବଂ ଦେଶ ବିରୋଧୀ କାର୍ଯ୍ୟ। ଏବେ ସମୟ ଆସିଛି ଭାରତ ସରକାର ମଧ୍ୟ ନିଜ ଦେଶରୁ ଅନୁପ୍ରବେଶକରୀ ଏବଂ ଅବୈଧ ପ୍ରବାସୀଙ୍କୁ ନିକାଲିବା ପାଇଁ କଠୋର ପଦକ୍ଷେପ ନିଅନ୍ତୁ। ନଚେତ ଦିନ ଆସିବ ଭାରତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଏତେ ଅଧିକ ହୋଇଯିବ ଯେ, ସେମାନେ ନିଜ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ବା ରାଷ୍ଟ୍ରଗଠନ ପାଇଁ ଦାବି କରିବେ। ହିଂସାକାଣ୍ଡ, ମଣିପୁର ଭଳି ସଂଘର୍ଷ ସୃଷ୍ଟି ହେବ। ଏଥିପାଇଁ ସରକାର ନିନ୍ଦିତ ହେବେ। ବିଦେଶରେ ଭାରତ ବଦନାମ ହେବ।

# ନୈତିକ ଶିକ୍ଷାର ଗୁରୁତ୍ୱ

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

> “ *ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ।*

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୂର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୂଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି।

ପୂର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଉଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।


ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର,କଟକ

ମୋ-୬୩୭୧୫୯୩୨୨୦


# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।


ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭


# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

॥ ଶରତ କୁମାର ସାହୁ ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ। ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି। ମା' ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ। ମା'କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା। ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ। ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି। କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି। ଜଣେ ମା'ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ। ତାହା କେବେ ବି ପୂରଣ ହୋଇପାରେନା। ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି। କିନ୍ତୁ ମା' ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା'ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ। ମା'ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ। ଏଥିରେ ସେ ତାଙ୍କ ମା'ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ। ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି। ମୋଦିଜୀ ଲେଖିଥିଲେ ମୋ ମା' ଅତି ସରଳ ଏବଂ ଅସାଧାରଣ। ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ। ଖୁବ କମ ବୟସରେ ନିଜ ମା'ଙ୍କୁ ହରାଇ ଦେବାପରେ ମୋ ମାଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ। ସେ ତୁଳା ଫ୍ୟାକ୍ଟ୍ରିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ। ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା। ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ। ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ। ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା। ତାଙ୍କ ମା'ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ। ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ। ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା। କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ। ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା। ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ। ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ।


'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩

## ହିନ୍ଦୋଳରେ ପୁଣି ରାସନତାଡି, ବିତରଣ କେନ୍ଦ୍ର ସ୍ଥାନାନ୍ତରିତ ଯୋଗୁ ରାସ୍ତାରୋକ



ହିନ୍ଦୋଳ, (ମହାଭାରତ) : ଗରିବ ପରିବାର ପାଖରେ ମୁଣ୍ଡପିଛା ୫ କେଜି ଚାଉଳ ସରକାର ଯୋଗାଇ ଦେଉଛନ୍ତି । ସେଥିପାଇଁ ଗ୍ରାମ ଗୁଡିକରେ ରାସନ ସାମଗ୍ରୀ ବିତରଣ କେନ୍ଦ୍ର ଖୋଲାଯାଇ ଲୋକମାନଙ୍କୁ ସୁବିଧାରେ ଚାଉଳ ଯୋଗାଇ ଦିଆଯାଉଅଛି । ତେବେ ହୀନରାଜନୀତି କରି ନିଜ ସମର୍ଥକଙ୍କ ଦ୍ୱାରା ଅଭିଯୋଗ କରାଇ ଯୋଗାଣ ବିଭାଗକୁ ହାତବାରିସୀ କରି ହିନ୍ଦୋଳ ଉପଖଣ୍ଡରେ ଥିବା ରାସନ ସାମଗ୍ରୀ ବିତରଣ କେନ୍ଦ୍ର ମଧ୍ୟରୁ ୧୯ ଗୋଟି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ ହେଉଥିବା ନେଇ ଜନ ଅସନ୍ତୋଷ ଦେଖା ଦେଇଛି । ପୂର୍ବରୁ ଦଣ୍ଡିରି ,ଅସରଡା ,ବ୍ରହ୍ମପୁର ଗ୍ରାମର ହିତାଧିକାରୀ ମାନେ କେନ୍ଦ୍ର ସ୍ଥାନାନ୍ତରିତକୁ ବିରୋଧ କରି ଅସନ୍ତୋଷ ଜାହିର କରିଥିବା ବେଳେ ଆଜି ଗିରିଧରପ୍ରସାଦ ଗ୍ରାମରେ ଥିବା ୫୯୮ ଜଣ ହିତାଧିକାରୀ ବାଲିମି ବାବନ୍ଧ ରାସ୍ତାକୁ ସକାଳ ୭ ଘଟିକା ସମୟରେ ଅବରୋଧ କରିଥିଲେ । ଗ୍ରାମରେ ଦୁଇଟି ବିତରଣ କେନ୍ଦ୍ର ଥିବା ବେଳେ ଏହି କେନ୍ଦ୍ର ଗୁଡିକ ବନ୍ଦ କରାଯାଇ ବଡ ବାହାଳ କେନ୍ଦ୍ରରେ ମିଶ୍ରଣ ହେବା ଯୋଗୁ ଏହାକୁ ପ୍ରତିବାଦ କରି ରାସ୍ତାରୋକ କରାଯାଇଥିଲା । ଗିରିଧରପ୍ରସାଦ ଠାରୁ ବଡବାହଳ ୭ କିଲୋମିଟର ରାସ୍ତା ହୋଇଥିବା ବେଳେ ରାସ୍ତାଟି ନିଛାଟିଆ ଓ ଜଙ୍ଗଲି ହାତୀ ଙ୍କ ଭୟ ଥିବା ଯୋଗୁ ଏତେ ଦୂର ଯାଇ ଜୀବନକୁ ବାଜି ଲଗାଇ ରାସନ ସାମଗ୍ରୀ ଆଣିବା କଷ୍ଟକର ହୋଇ ପଡିବ ବୋଲି ହିତାଧିକାରୀ ପ୍ରକାଶ କରିଛନ୍ତି । ଅଳ୍ପ ପରିବାର ଥିବା ହିତାଧିକାରୀ ରାସନ ସାମଗ୍ରୀ ଆଣିବାକୁ ଗଲେ ରାସନ ସାମଗ୍ରୀ ମୂଲ୍ୟ ଠାରୁ ଅଟୋ ଭଡା ତିନିଗୁଣ ହୋଇଯିବ । ଫଳରେ ରାସନ ସାମଗ୍ରୀ ଆଣିବା ଏକ ପ୍ରକାର ମୁସ୍କିଲ ହୋଇପଡିବ । ହିତାଧିକାରୀ ମାନେ କୁହନ୍ତି ପୂର୍ବରୁ ନିଯୁକ୍ତି ପାଇଥିବା ଡିଲର ମାନେ ରାସନ ସାମଗ୍ରୀ ଦେବାରେ କୌଣସି ଅସୁବିଧା କରୁନଥିଲେ ମଧ୍ୟ ରାଜନୈତିକ ଚାପ ଯୋଗୁ ଏହି ଦୁଇ ଜଣ ଡିଲରଙ୍କୁ ବଦଳାଇ ଦିଆଯାଇଛି, କିନ୍ତୁ ଆମେ ସମ୍ପୃକ୍ତ ଡିଲରଙ୍କ ବ୍ୟତୀତ ଅନ୍ୟ ଡିଲରଙ୍କ ଠାରୁ ରାସନ ସାମଗ୍ରୀ ଗ୍ରହଣ କରିବୁ ନାହି । ରାସ୍ତାରୋକ ଖବର ପାଇ ରାସୋଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର ଓ ହିନ୍ଦୋଳ ଯୋଗାଣ ଅଧିକାରୀ ପୁଷ୍ପେଷ ଶତପଥୀ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ବିତରଣ କେନ୍ଦ୍ର ବଦଳିକୁ ବାତିଲି କରିବା ପାଇଁ ଲିଖିତ ଭାବେ ଦେବାପରେ ଲୋକମାନେ ଧାରଣାରୁ ଓହରିଥିଲେ । ତେବେ ଏହିଧକ୍ଷରା ବନ୍ଦ ନହେଲେ ଆଗକୁ ଜନଅସନ୍ତୋଷ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି ।

## ପ୍ରସିଦ୍ଧ ଲକ୍ଷ୍ମୀ ନୃସିଂହ ଯାତ୍ରା ପାଇଁ ଶୁଭ ସ୍ଥାପନ

ହିଞ୍ଜିଳିକାଟୁ, (ମହାଭାରତ) : ପ୍ରତିବର୍ଷ ଭଳି ପୁଣି ଦୁଲୁକିବ ହିଞ୍ଜିଳିକାଟୁ । ହିଞ୍ଜିଳିକାଟୁର ଆରାଧ୍ୟ ଦେବତା ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଜନ୍ମୋତ୍ସବ ଯାତ୍ରା ଜାକ ଜକମର ସହ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ପବିତ୍ର ଅକ୍ଷୟା ତୃତୀୟ ଅବସରରେ ଶୁଭଖ□ ସ୍ଥାପନ ହୋଇଛି । ଆସନ୍ତା ମାସ ୧୧.୧୨.୧୩ ତାରିଖ ତିନିଦିନ ଧରି ଯାତ୍ରା ପାଳିତ ହେବା ସମୟ ସ୍ଥିର ହୋଇଥିବା ବେଳେ ଆଜି ରୀତି ନୀତି ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟା ଅବସରରେ ରାଜା ସାହେବଙ୍କ ଆଜ୍ଞ୍ୟା ଦେଶ ମିଳିବା ପରେ ଲକ୍ଷ୍ମୀ ନୃସିଂହ ମନ୍ଦିର ରୁ ବାଦ୍ୟ ବାଜଣ ସହିତ ଆଜ୍ଞା ମାଳ ଆସିବା ପରେ । ସହର ର କେଉଟ ସାହି ରଂଗୁଣୀ ସାହି, ଓ ପାଟଣାସାହିରେ ସ୍ଥାପନ କରାଯାଇଛି ।

## ପବିତ୍ର ଅକ୍ଷୟ ତୃତୀୟାରେ ଅଖି ମୁଠି ଅନୁକୂଳ କଲେ ବିଧାୟକ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଡପାଟଣା ପଂଚାୟତ ଅଧିନସ୍ଥ ଗୁଲୁଦିପଶି ଗ୍ରାମରେ ବନବିହାରୀ ଦାସଙ୍କ କ୍ଷେତରେ ପବିତ୍ର ଅକ୍ଷୟ ତୃତୀୟା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହ ଅଖି ମୁଠି ଅନୁକୂଳ କରିଛନ୍ତି । ଅଖି ମୁଠି ଅନୁକୂଳ ପୂଜାରେ ପୂଜକ ଭାବେ ତରୁଣ କୁମାର ତ୍ରିପାଠୀ ପୂଜା ଅର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣା ପାଣି ନାୟକ, ବଡ଼ ପାଟଣା ସରପଂ ବିନତି ବାନରା, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳା କାନ୍ତ ଦାଶ, ପଲାଣ ଘାଟି ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶନାଥ ନାୟକ, କଂଟିଆପଡା ସମିତି ସଞ୍ଜୁରାଣୀ ମହାନ୍ତ, ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ, କନିଷ୍ଠ କୃଷି ଅଧିକାରୀ ଦୂର୍ଗା ଚରଣ ତ୍ରିପାଠୀ, ଅଭୟ କୁମାର ରାଉତ, ଭାଜପା ପୂର୍ବତନ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ,ବରିଷ୍ଠ ନେତା ସୁବ୍ରତ କୁମାର ଦ୍ୱିବେଦୀ, ନିରଞ୍ଜନ ମହାନ୍ତ, ପ୍ରମୋଦ ବାରିକ, କପିଳ ବାରିକ, କୃଷି ଅଧିଦର୍ଶକ ଦୂର୍ଗା ଚରଣ ତ୍ରିପାଠୀ,ଅଭୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମ କୃଷି କର୍ମଚାରୀ ଧରଣୀଧର କିଶାନ ଓ ଇନ୍ଦ୍ରଜିତ ପୁହାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଭାଜପା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା ।

## ବ୍ଲଡ଼ ଡୋନରର୍ସ ତରଫରୁ ଚହ୍ଲା ବଂଟନ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଗଜପତି ବ୍ଲଡ଼ ଡୋନରର୍ସ ତରଫରୁ ଚହ୍ଲା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତ୍ୟଧିକ ଖରା ଦାଉରୁ ରକ୍ଷା ପାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଉଛି । ଜି. ନବୀନ, ସୁଲତା ପାଣ୍ଡୀ, ମୋହିନୀ, ପ୍ରମୁଖ ଉପସ୍ଥିତ ରହି ଚହ୍ଲା ବଂଟନ କରୁଛନ୍ତି । ଏହିପରି କାର୍ଯ୍ୟକ୍ରମକୁ ଜନସାଧାରଣ ଭୁୟସ ପ୍ରଶଂସା କରିଛନ୍ତି । ଆଜି ପବିତ୍ର ଅକ୍ଷୀ ତୃତୀୟା ଦିବସରେ ଏହି ଭଳି କାର୍ଯ୍ୟକ୍ରମ କରାଯାଇଛି ।

## ସରାଟ ସେବା ସମବାୟ ଓ ଆମ ଓଡିଶା ଆନୁକୂଲ୍ୟରେ ରକ୍ତଦାନ ଶିବିର



ବାଲିପାଟଣା, (ମହାଭାରତ) : ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବାଲିପାଟଣା ବ୍ଲକ ସରାଟ ସେବା ସମବାୟ ସମିତି ଓ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ସମବାୟ ଭୁବନେଶ୍ୱର ସର୍କଲ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ରେ ମୁଖ୍ୟ ଅତିଥି ଭାବେ ତହସିଲଦାର କଳ୍ପନା ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଫିସର ଡାକ୍ତର ଶ୍ରୀକାନ୍ତ ବେହେରା, ସହକାରୀ ନିବନ୍ଧକ ଭୁବନେଶ୍ୱର ମଣ୍ଡଳ ର ବରିଷ୍ଠ ଅଧିକାରୀ ପ୍ରିୟ ବ୍ରତ ପଣ୍ଡା, ଲଳିତ ବିଶ୍ୱାଳ, ସରାଟ ସମବାୟ ସମିତି ସଭାପତି ତଥା ଅବସର ପ୍ରାପ୍ତ ଅଧ୍ୟାପକ ଭାରତ ଭୁଷଣ ମହାନ୍ତି, ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲିପାଟଣା ଶାଖା ପରିଚାଳକ ଶକ୍ତି ଜେନା, ସି ଇ ଓ ଦିବ୍ୟ ରଞ୍ଜନ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ । ସମବାୟ ସମିତି ଗୋଦାମ ଗୃହରେ ଆୟୋଜିତ ଶିବିର ରେ ୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ସମବାୟ ସଭାର ଆୟୋଜନ କରାଯାଇଥିଲା । ବୋର୍ଡ ମେମ୍ବର ସଂଗ୍ରାମ କୃଷ୍ଣ ଦାସ , ମାନସ କୁମାର ପଣ୍ଡା, ଅମୁଲ୍ୟ ପ୍ରଧାନ, ଦିନବନ୍ଧୁ ରାଉତରାୟ, ପ୍ରସନ୍ନ ସ୍ୱାଇଁ , ବାବୁଲି ମଲ୍ଲିକ, ବାବୁ ଲାଲ ନାୟକ, ବୀଣାପାଣି ସ୍ୱାଇଁ, କ୍ରିଷ୍ଣା ମହାପାତ୍ର, ସତ୍ୟଜିତ ରାୟ ,ଉମାକାନ୍ତ ସାହାଣୀ, ବିଶ୍ୱ ରଞ୍ଜନ ଭୋଇ, ଅବକାଶ ସ୍ୱାଇଁ, ବାସୁଦେବ ଜେନା , ସୁକାନ୍ତ କୁମାର ଦାଶ, ବଳରାମ ପରିଡା, କମଳା କାନ୍ତ ମହାନ୍ତି, ଜୟନ୍ତ ଓଝା, କୃଷ୍ଣ ଚନ୍ଦ୍ର ରାୟ, ସମବାୟ ସମିତି ସମ୍ପାଦକ ସୁଶୀଳ କୁମାର ପଣ୍ଡା , ଚିନ୍ମୟ ମହାନ୍ତି , ସୁରେନ୍ଦ୍ର ବେହେରା, ବିକ୍ରମ ମହାନ୍ତି , ଶିବ ପ୍ରସାଦ ଜେନା, ରବୀନ୍ଦ୍ର ଜେନା, ଧରଣୀ ଧର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ । ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ଏବଂ ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ ଶିବିର ପରିଚାଳନା କରିଥିଲେ ।

## ସମାଜସେବୀ ଗୋଲଖ ଚନ୍ଦ୍ର ପରିଡାଙ୍କୁ ଚାଣକ୍ୟ ଆୱାର୍ଡ଼

ସାଲେପୁର, (ମହାଭାରତ): କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ଡେନ୍ତୋଳ ପଂଚାୟତ ଜଳହରି ଗ୍ରାମର ସ୍ୱର୍ଗତ ଭାସ୍କର ଚନ୍ଦ୍ର ପରିଡାଙ୍କ ସାନ ପୁଅ ତଥା ବିଶିଷ୍ଟ ସମାଜସେବୀ ଚାଟାର୍ଡ ଆକାଉଂଟାଂଟ ଗୋଲଖ ଚନ୍ଦ୍ର ପରିଡାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଚାଣକ୍ୟ ଆୱାର୍ଡ଼ ପ୍ରଦାନ କରାଯାଇଛି । ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଣ୍ଡିଗଡ ଠାରେ ଅଥର୍ବ ଭାରତ - ୨୦୨୫ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ ଯୋଗ ଦେଇ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିଥିଲେ । ତେବେ ଶ୍ରୀ ପରିଡା ଅସୁସ୍ଥ ଥିବାରୁ ସେ ଚଣ୍ଡିଗଡ ଯାଇ ନ ପାରି ତାଙ୍କ କମ୍ପାନୀର ସି ଇ ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଣକ୍ୟ ଆୱାର୍ଡ଼କୁ ଗ୍ରହଣ କରିଥିଲେ ।ସାମାଜିକ ସେବା,ଶିକ୍ଷା ଏବଂ ଦକ୍ଷତା ବିକାଶରେ କ୍ଷେତ୍ରରେ ଶ୍ରୀ ପରିଡା ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ତାଙ୍କୁ ଏବଂ ତାଙ୍କ ସଂସ୍ଥାକୁ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯାଇଛି ବୋଲି ଜଣାପଡିଛି ।ଏଥିସହ ଚାଟାର୍ଡ ଆକାଉ[।[ ଶ୍ରୀ ପରିଡା ସୁଦୂର ଚେନ୍ନାଇ ରେ ରହୁଥିଲେ ମଧ୍ୟ ନିଜର ଜନ୍ମ ମାଟି ସାଲେପୁର କୁ କେବେବି ଭୁଲି ପାରନ୍ତି ନାହିଁ ।ସେ ବର୍ଷକ ବର ମାସରେ ପ୍ରାୟ ୧୨ ରୁ ୧୫ ଥର ନିଜ ଜନ୍ମ ମାଟି ସାଲେପୁରକୁ ଆସି ବିଭିନ୍ନ ସମାଜ କଲ୍ୟାଣକରୀ କାର୍ଯ୍ୟ କରୁଛନ୍ତି । ଏପରିକି ସେ ଗରିବ ଅବହେଳିତ ଛାତ୍ର ଛାତ୍ରୀ ଓ ଲୋକଙ୍କୁ ସହାୟତା ପ୍ରଦାନ ସହ ବିଭିନ୍ନ ଦେବଦେବୀ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । କିଛି ବର୍ଷ ତଳେ ସେ ନିଜସ୍ୱ ଅର୍ଥରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଜଳ ହରି ଗ୍ରାମର ରାସ୍ତାକୁ କଂକ୍ରିଟ କରଣ କରିଥିଲେ ।ଏବେ ସେ ସାଲେପୁର ଅଂଚଳର ବହୁ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହି ତାଙ୍କର ସେବା ଜାରି ରଖିଛନ୍ତି । ଅପରପକ୍ଷେ ଶ୍ରୀ ପରିଡାଙ୍କୁ ଚାଣକ୍ୟ ଆୱାର୍ଡ଼ ପ୍ରଦାନ କରାଯାଇଥିବାରୁ ସାଲେପୁର ଅଂଚଳର ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅସହାୟ ମମତାର ଦୁଃଖଭରା କାହାଣୀ
## ଦେବଦୂତ ସାଜିଲେ ଉପଖଣ୍ଡ ଚିକିତ୍ସାଧିକାରୀ ଓ ଚିକିତ୍ସାଳୟ କର୍ମଚାରୀ

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅସହାୟକ୍ଷ ମମତାର ଦୁଃଖଭରା କାହାଣୀ ଶୁଣିଲେ ଆଖିରେ ଲୁହ ଆସିଯାଏ । ଖବରରୁ ପ୍ରକାଶ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଂଚାୟତର କରାବିରା ଗାଁ ଓ ଅନୁଗୋଳ ବ୍ଲକ ବଡ଼କନ୍ତୋକୂଳ ପଂଚାୟତର ସୀମାନ୍ତବର୍ତୀ ଖୋଲ ଗାଁରେ ସାବତ ମା ସହ ବାସ କରନ୍ତି । ବାପ ମା ଛେଉଣ୍ଡ ସ୍ୱର୍ଗତ ନବୀନା ବେହେରାଙ୍କ ଝିଅ ମମତା ବେହେରା(୧୬) । ଦଶବର୍ଷ ତଳୁ ଦେହାନ୍ତ ହୋଇଯାଇଛି ମମତାର ବାପା ଓ ମା'ଙ୍କର ତେବେ ଜାନୁୟାରୀ ୨୦୨୫ରେ ଶୀତରୁ ରକ୍ଷାପାଇଁ ଚୁଲିପାଖରେ ବସିଥିବାବେଳେ ଗୁରୁତର ମୁର୍ଚ୍ଛାଜନିତ ରୋଗରେ ପୀଡିତା ମମତା ମୁର୍ଚ୍ଛାମାରିବାରୁ ନିଆଁରେ ପୋଡି ହୋଇଯାଇଥିଲା ଏବଂ ପରିବାରର ଅବହେଳା ପାଇଁ ୧୦ଦିନପରେ ଘା ବେଶୀ ହେବାରୁ ଗାଁର ଜଣେ ସହୃଦୟ ବ୍ୟକ୍ତି ମମତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେହିଦିନଠାରୁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ମିଶ୍ର ନିଜେ ମମତାକୁ ଝିଅପରି ଯତ୍ନକରି ଚିକିତ୍ସା କରିବାସହ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି । ହିନ୍ଦୋଳ ଡାକ୍ତରଖାନର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ସହଯୋଗ, ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଅଛି ମମତା । ଖବରପାଇ ସାମ୍ବାଦିକ, ସମାଜସେବୀ ତଥା ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ସାମ୍ବାଦିକ, ସମାଜସେବୀ ଦୁଷ୍ମନ୍ତ ମିଶ୍ର ଏବାବଦରେ ଡାକ୍ତର ସୁଧାଂଶୁ ମିଶ୍ରଙ୍କ ସହ କିପରି ମମତାର ଉର୍ଣ୍ଣତ ଚିକିତ୍ସା ହେବ, ସମସ୍ତ ସରକାରୀ ସହାୟତା ପାଇପାରିବ ସେସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଝିଅଟିର ପ୍ଲାଷ୍ଟିକ ସର୍ଜରୀ ଦରକାର ପଡୁଥିବାରୁ ଘା ଟିକେ କମିଗଲେ ତାକୁ ନିଜେ ଦାୟିତ୍ୱ ନେଇ ସମସ୍ତ ଚିକିତ୍ସା କରାଇବେ ବୋଲି କହିଛନ୍ତି ଡାକ୍ତର ମିଶ୍ର । ତେବେ ମମତା ବେହେରାଙ୍କୁ ଉର୍ନ୍ନତ ଚିକିତ୍ସାସହ ଆର୍ଥିକସହାୟତା, ଆବାସଗୃହ, ରାସନକାର୍ଡ ଓ ଏକ ଅସହାୟ ଭ□। ଯୋଗାଇ ଦେବାନିମନ୍ତେ ରାଜ୍ୟସରକାର, ଜିଲ୍ଲାପାଳ,ସ୍ଥାନୀୟ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର, ବ୍ଲକ ପ୍ରଶାସନ ଓ ନେତୃବୃନ୍ଦଙ୍କୁ ଉଭୟ ସମାଜସେବୀ ନିବେଦନ କରିଛନ୍ତି ।

## କାଶୀବାହାଲ ଆଂଚଳିକ ଯାଦବ ଭବନ ପ୍ରତିଷ୍ଠା

କୋକସରା, (ମହାଭାରତ): କୋକସରା ବ୍ଲକ ଯାଦବ ସମିତି ଅଧିନ କାଶୀବାହାଲ ଆଂଚଳିକ ଯାଦବ ଭବନ ପ୍ରତିଷ୍ଠା ଉତ୍ସବ ବୁଧବାର ମହା ସମାରୋହରେ ଅନୁଷ୍ଠିତ ହୋଇଛି । ନବନିର୍ମିତ ଯାଦବ ଭବନରେ ହୋମଯଜ୍ଞ ଓ ଭବନ ଉଦଘାଟନ କରାଯାଇଥିଲା ।ବଳରାମ ଚଣ୍ଡୀ ଓ ତାଙ୍କ ଧର୍ମପତ୍ନୀ ବନିତା ଚଣ୍ଡୀ ପୂଜାକର୍ତା ଦାୟିତ୍ୱ ତୁଲାଇଥିଲେ ।ଉଦଘାଟନୀ ସମାରୋହରେ ସମିତିସଭ୍ୟ ଗଜାନନ ନିଆଲ ଉଦଘାଟନ କରିଥିବାବେଳେ ତନୁକଲାଲ ନାଗ ମଂଚ ପରିଚାଳନା କରିଥିଲେ । କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦବିହାରୀ ରାଉତ, ସମ୍ପାଦକ ଅଲେଖ ଗୋପାଳ, ନକୁଳ ଘି, କୀର୍ତନ ଚନ୍ଦନ, ପ୍ରେମାନନ୍ଦ ପୁଞ୍ଜି, ଋଷି ତାଣ୍ଡି, ଲୋକନାଥ ଚଣ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ କବି କେତକୀ, ରବିଚନ୍ଦ୍ର ଚଣ୍ଡୀ, ପ୍ରେମାନନ୍ଦ ଚଣ୍ଡୀ ସହଯୋଗ କରିଥିଲେ ।

## ଛତିଆ ବଟ ତଳ ବଜାର ପୂ□ ବିଭାଗ ରାସ୍ତାର ବୈମାତୃକ ସମ୍ପ୍ରସାରଣକୁ ଛତିଆ ବଣିକ ସଂଘ ପକ୍ଷରୁ ତୀବ୍ର ବିରୋଧ

ବଡଚଣା,୩୦ ।୪,(ମହାଭାରତ) ଐତିହାସିକ ଛତିଆ ବଟ ପାର୍ଶ୍ୱ ଦେଇ ପୁରୁଣା ଜଗନ୍ନାଥ ସଡ଼କ ପୂ□ ବିଭାଗ ରାସ୍ତା ର ପ୍ରଶସ୍ତୀକରଣ ପକ୍ରିଆ ଆରମ୍ଭ ହୋଇଛି । ରାସ୍ତାର ପ୍ରଶସ୍ତି କରଣ ପାଇଁ ୧୪ କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ ହୋଇଛି । ରାସ୍ତାର ପ୍ରଶସ୍ତି କରଣ ହେବା ଲାଗି ଚିହ୍ନଟ ପକ୍ରିଆ ଏକ ପାଖିଆ ଭାବେ ଚାଲୁ ଥିବାରୁ ଛତିଆ ବଣିକ ସଙ୍ଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଅଭିଯୋଗ ହେଲା ରାସ୍ତାର ପ୍ରଶସ୍ତି କରଣ କୁ ଆମେ ବିରୋଧ କରୁ ନାହିଁ, ଆମେ ମାନେ ଛୋଟ ମୋଟ ଦୋକାନ ପତ୍ର କରି ଜୀବିକା ନିର୍ବାହ କରିବା ସହିତ ପରିବାର ଭରଣ ପୋଷଣ କରୁଛୁ, ରାସ୍ତା ର ଉଭୟ ପାର୍ଶ୍ୱ କୁ ସମ୍ପ୍ରସାରଣ ନ କରି ଏକ ପାଖିଆ କରି ଚିହ୍ନଟ କରା ଯାଉଛି , ଯଦି ଏକ ପାଖିଆ ଭାବରେ ନିର୍ମାଣ ହୁଏ ତେବେ ନିଶ୍ଚିତ ଭାବରେ ଆମେମାନେ ଜୀବିକା ହରାଇବୁ ,ତେଣୁ ଜୀବନ ଜୀବିକା ର କଥା କୁ ପ୍ରଶାସନ ବିଚାରକୁ ନିଅନ୍ତୁ ବୋଲି ଦାବି କରିଛନ୍ତି ଛତିଆ ବଣିକ ସଂଘ ର ସମ୍ପାଦକ ଅମରେଶ ନନ୍ଦ । ଉଲ୍ଲେଖ ଥାଉ କି, ଏହି ପୂ□ ବିଭାଗ ରାସ୍ତାଟି ଭଟିଆ ଛକଠାରୁ ପ ନେଳିଆ ଓଭର ବ୍ରିଜ୍ ପ୍ରାୟ ୨ କି,ମି ପର୍ଯ୍ୟନ୍ତ ୨ ଲେନ ବିଶିଷ୍ଟ ଥିବା ବେଳେ ବ□ମାନ ତାହା ୪ ଲେନ୍ କରା ଯିବ, ଏହି ରାସ୍ତା ସଂପ୍ରସାରଣରେ ୩ ଗୋଟି ପ୍ଲଟ - ୮୨୦, ୮୨୧ ଓ ୮୨୨ ଦେଇ ଯାଉ ଥିବା ବେଳେ ରାସ୍ତାର ଓସାର ୮୦ ଫୁଟ ରହିବ ବୋଲି ଜଣାପଡିଛି । ପୁରୁଣା ରାସ୍ତାର ଉଭୟ ପାର୍ଶ୍ୱ କୁ ନେଇ ପ୍ରଶସ୍ତି କରଣ ହେବାକୁ ଥିବା ବେଳେ ପୂ□ ବିଭାଗ କ□ୁ ପକ୍ଷ ଜନୈକ ପ୍ରଭାବ ଶାଳୀ ଙ୍କ ଚାପରେ ବୈମାତୃକ ଭାବେ କେବଳ ଗୋଟିଏ ପାର୍ଶ୍ୱକୁ ଚିହ୍ନଟ କରିବା ଓ ସାଧାରଣ ଲୋକଙ୍କ ଜୀବନ ଜୀବିକା ସହିତ ଖେଳିବା ଅତି ଦୁର୍ଭାଗ୍ୟ ଜନକ ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ । ଏହି ଘଟଣା ର ସୁସ୍ଥ ବିଚାର ନ କରନ୍ତି ତେବେ ଆଗାମୀ ଦିନରେ ଅ*ଳ ବାସୀ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ଜଣାପଡିଛି । ଶତାଧିକ ସ୍ଥାନୀୟ ଦୋକାନୀ , ସ୍ଥାନୀୟ ଲୋକେ ଓ ଛତିଆ ବଣିକ ସଂଘ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସ୍ଥାୟୀ ସମାଧାନ ଲାଗି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

## ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ



କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ କୃଷକ ଦିବସ ସମାରୋହ କୃଷି ବିଜ୍ଞାନକେନ୍ଦ୍ର ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ବିଭାଗ ତରଫରୁ ପୂଜ୍ୟ ପୂଜା କରାଯାଇ ଧାନ ମୁଠି ଆନୁକୁଳ କରାଯାଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା କୃଷି କ୍ଷେତ୍ରରେ ଧାନ ମୁଠି ଅନୁକୂଳ କରି ହଳ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସଭା ଗୃହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, କୃଷି ମହାବିଦ୍ୟାଳୟ ର ଡିନ ଶାନ୍ତନୁ କୁମାର ତ୍ରିପାଠୀ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଅମିତାଭ ପଣ୍ଡା, ନିର୍ଦ୍ଦେଶକ ଜଳ ଛାୟା ପ୍ରକଳ୍ପ, ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଆତ୍ମା ଅଧ୍ୟକ୍ଷ ଜୁନାଗଡ, ଅଶୋକ କୁମାର ପଟନାୟକ, ଅତିରିକ୍ତ ଜିଲ୍ଲା କୃଷି କମଳ ଲୋଚନ ନାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷି ଅଧିକାରୀ କୃଷି ବିଭାଗ ଅଜୟ କୁମାର ମାରାଣ୍ଡି ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା, କୃଷକ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପରିଡା ସ୍ୱାଗତ ଅଭିଭାଷଣରେ କୃଷକ ଦିବସ ପାଳନ ସମ୍ପର୍କରେ ଉଲ୍ଲେଖ କରି ପବିତ୍ର ଅକ୍ଷୟ ତୃତୀୟା ଦିନ ଆଖି ମୁଠି ଅନୁକୂଳ କରି ଖରିଫ ଚାଷ ଆରମ୍ଭ କରାଯାଇ ଥାଏ । କୃଷକ ଭାଇମାନେ ଠିକ୍ ସମୟରେ ପାଗ ଦେଖି ଆଧୁନିକ ପ୍ରଣାଳୀ ରେ ଚାଷ କରି ଅଧିକ ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ତାଙ୍କର ବକ୍ତବ୍ୟରେ ମାନବ ସଭ୍ୟତା ପ୍ରଥମେ ନଦୀକୂଳରେ ବସବାସ କରି କୃଷିକାର୍ଯ୍ୟ ରୁ ହିଁ ଆରମ୍ଭ ହୋଇଥିଲା । ଅର୍ଥନୀତିର ବ୍ୟବସ୍ଥାକୁ ସୁଦୃଢ଼ କରେ କୃଷି, କୃଷକ ଭାଇମାନେ ଆଧୁନିକ କୃଷି ପ୍ରଣାଳୀ ଆପଣାଇ ଚାଷ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁମିତ୍ରା ଶର୍ମା ପରିଚାଳନା କରିଥିଲେ ।

## ଗଣିଆରେ ପଲିଶ୍ରୀ ମେଳା ଉଦଘାଟିତ

ଗଣିଆ, (ମହାଭାରତ ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଚଉମଙ୍ଗ ନିକଟସ୍ଥ ଗଣିଆ ମହୋତ୍ସବ ପଡ଼ିଆରେ ନୟାଗଡ ଓରମାସ ଆନୁକୁଲ୍ୟରେ ବିଭିନ୍ନ ପ୍ରକାରର ହସ୍ତତନ୍ତ ଓ ହସ୍ତଶିଳ୍ପ, ବୟନଶିଳ୍ପ ଆଦି ବିଭିନ୍ନ ପ୍ରକାର କାରୁକାର୍ଯ୍ୟ ପ୍ରଦର୍ଶନ କରଯାଇଥିଲା । ଉକ୍ତ ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିତିବକ୍ଷଳକ୍ଷ ରଣା ଯୋଗ ଦେବା ସହ ଅନ୍ୟ ମନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ଗଣିଆ ମହୋତ୍ସବ କମିଟି ସଭପତି ବିଜୟ କୁମାର ସାହୁ, ଅଗ୍ନୀଶମ ଅଧିକାରୀ ବିଜୟା ନନ୍ଦ ପରିଡ଼ା, ବନମାଳୀ ବାରିକ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା,ଶ୍ରୀ ଶ୍ରୀ ରଘୁନାଥ ଜିଉ ଉଚ୍ଚ ବିଦ୍ୟାଳୟ ର ଅଧକ୍ଷକ୍ଷ ସଲିଳା ସେଠୀ, ଡିଗ୍ରୀ କଲେଜର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ରାମ ଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ ଯୋଗଦେଇ ଥିଲେ । ଉକ୍ତ ମେଳାରେ ମହିଳା ମାନଙ୍କ ଦ୍ୱାରା ନିର୍ମାଣ କରାଯାଇ ଥିବା କରୁ କାର୍ଯ୍ୟ ବେଶ୍ ଦର୍ଶକଙ୍କ ଚିତାକର୍ଷକ ହୋଇଥିଲା । ଏହି ମେଳା ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଦୀର୍ଘ ତିନି ଦିନ ପର୍ଯ୍ୟନ୍ତ ଚାଲୁ ରହିବ ।

## ସମବାୟ ବ୍ୟାଙ୍କର ସାଧାରଣ ସଭାକୁ ନେଇ ଛକାପଞ୍ଝା



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଏବଂ କର୍ମଚାରୀଙ୍କ ମଧ୍ୟରେ ଲାଗି ରହିଥିବା ଛକାପଞ୍ଝା ଏବେ ଚରମ ସ୍ଥିତିରେ ପହଂଚିଛି । ଆସନ୍ତା ମେ ୩ରେ ବ୍ୟାଙ୍କ୍ ସଭାପତି ରବୀନ୍ଦ୍ରନାଥ ନାଥ ସାହୁ ଆହ୍ୱାନ କରିଥିବା ସାଧାରଣ ସଭାକୁ ବୈଧ ନୁହେଁ ବୋଲି ବ୍ୟାଙ୍କ୍ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଆଜି ଏକ ଚିଠି ଜାରି ରଖିଛନ୍ତି । ବ୍ୟାଙ୍କର ପ୍ରଶାସନିକ ଅଧିକାରୀ ଅର୍ଥାତ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏହି ନିଷ୍ପତି ନିଆଯାଇଥିବା ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି । ବ୍ୟାଙ୍କର ସମସ୍ତ ସଭ୍ୟ ମାନଙ୍କୁ ଅବଗତ କରିବାକୁ ଯାଇ ସମ୍ପାଦକ ଶ୍ରୀ ପଟ୍ଟନାୟକ ଉକ୍ତ ଚିଠିରେ ଉଲ୍ଲେଖ କରିନ୍ତି ଯେ, ବ୍ୟାଙ୍କର ପରିଚାଳନା ପରିଷଦଙ୍କ କାର୍ଯ୍ୟ ଉପରେ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ବିଚାରାଧୀନ ରହିଛି । ହାଇକୋର୍ଟଙ୍କ ମଧ୍ୟକାଳୀନ ନିର୍ଦ୍ଦେଶ କ୍ରମେ ପରିଚାଳନା ପରିଷଦ ବ୍ୟାଙ୍କର ଆର୍ଥିକ ସମ୍ବନ୍ଧୀୟ କୌଣସି ନ ି ଷ୍ପ ତ ି ନେଇପାରିବେ ନାହିଁ । ଏହି ନିଷ୍ପତି ଜିଲ୍ଲାପାଳ ତଥା ପ୍ରଶାସକ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ଉପରେ ନ୍ୟସ୍ତ ଅଛି । ଏଣୁ ଏହି ପରିସ୍ଥିତିରେ ବ୍ୟାଙ୍କ ସଭାପତିଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ବୈଠକଟି ଆଇନ ଅନୁଯାୟୀ ବୈଧ ନୁହେଁ । ଅନ୍ୟପଟେ ଏ ନେଇ ବ୍ୟାଙ୍କ୍ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ପରିଚାଳନା ପରିଷଦ ବ୍ୟାଙ୍କର ଆର୍ଥିକ ସମ୍ବନ୍ଧୀୟ କୌଣସି ନିଷ୍ପତି ନେଇପାରିବେ ନାହିଁ ସିନା ବୈଠକ ଡାକିବାରେ ସମସ୍ୟା କେଉଁଠି ରହିଲା ବୋଲି ଓଲଟା ପ୍ରଶ୍ନ କରିଛନ୍ତି । ଗତ ୧୭ ତାରିଖରେ ରାଜ୍ୟ ସମବାୟ ନିବନ୍ଧକ ବ୍ୟାଙ୍କ୍ ସାଧାରଣ ସଭା କେବଳ ସଭାପତି କିମ୍ବା ତାଙ୍କ ଅନୁପସ୍ଥିତିରେ ଉପସଭାପତି ଆହ୍ୱାନ କରି ପାରିବେ ବୋଲି ସ୍ପଷ୍ଟ କରିଥିଲେ । ଏହି ଚିଠି ଆସିବା ପରେ ସଭାପତି ବ୍ୟାଙ୍କ୍ ସମ୍ପାଦକଙ୍କୁ ସାଧାରଣ ସଭା ଆହ୍ୱାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ । ଫଳରେ ବାଧ ହୋଇ ନିଜେ ସଭାପତି ଏହି ବୈଠକ ଆହ୍ୱାନ କରିଛନ୍ତି । ନୟାଗଡ଼ ବ୍ଲକ୍ ସଭାଗୃହରେ ହେବାକୁ ଥିବା ଏହି ସାଧାରଣ ସଭାରେ ବ୍ୟାଙ୍କ୍ ଅଧୀନସ୍ଥ ସମସ୍ତ ସମବାୟ ସମିତିର ସଭାପତି ଓ ବ୍ୟାଙ୍କ ନିର୍ଦ୍ଦେଶକ ଯୋଗ ଦେବାକୁ ଆଜି ଚିଠି କରାଯାଇଥିବା ଜଣାପଡ଼ିଛି । ଏହି ବୈଠକରେ ବ୍ୟାଙ୍କ୍ ୨୦୨୫- ୨୬ ଆୟ ବ୍ୟୟ ଅଟକଳ ପଠନ ଓ ଅନୁମୋଦନ, ନାବାର୍ଡର ଯା* ରିପୋର୍ଟ ଉପରେ ଆଲୋଚନା, ୨୦୨୯ ମସିହାରୁ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କୁ ବେଆଇନ ଭାବେ ପ୍ରଦାନ କରାଯାଇଥିବା ବୋନସ୍ ଉପରେ ଆଲୋଚନା ଏବଂ ବ୍ୟାଙ୍କ କାର୍ଯ୍ୟରେ ପରିଚାଳନା ପରିଷଦକୁ ସମ୍ପାଦକଙ୍କ ଅସହଯୋଗ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତାବ ରଖାଯାଇଛି । ୨୦୨୨-୨୩ ଏବଂ ୨୩- ୨୪ ମସିହାରେ ବ୍ୟାଙ୍କର ଲାଭାଂଶ ଶୂନ ରହିଛି । ବ୍ୟାଙ୍କ୍ କେବଳ ୯୮ ଲକ୍ଷ ଟଙ୍କା ସୁଧ ରିହାତି କମିଶନ ପାଉଥିବା ବେଳେ କର୍ମଚାରୀ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୪ କୋଟି ଟଙ୍କାର ବଜେଟ କରାଯାଇଛି । ଏଣୁ ଆସନ୍ତା ୩ ତାରିଖ ସାଧାରଣ ସଭା କି ନିଷ୍ପତି ନିଆଯିବ, ଏହା ଉପରେ ସମସ୍ତଙ୍କ ନଜର ରହିଛି ।

## ମା' ସ୍ୱପ୍ନେଶ୍ୱରୀ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ଗ୍ରାମରେ ପବିତ୍ର ଶୁଭ ଅକ୍ଷୟ ତୃତୀୟା, ପ୍ରଭୁ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଓ ପର୍ଶୁରାମ ଜୟନ୍ତୀ ଅବସରରେ ମା' ସ୍ୱପ୍ନେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ମଂଗଳ ବାର ଦିନ ଠାରୁ ଆରମ୍ଭ ହୋଇଥିଲା । ଏହିପରି ତିନି ଦିନ ଧରି ପ୍ରତିଷ୍ଠା ଉତ୍ସବ ପାଳିତ ହୋଇ ଆସୁଥିବା ବେଳେ ବୁଧବାର ସକାଳ ଶୁଭ ମହୁରତ ରେ ବାଜା, ବାଣ, ଘଂଟ, ଶଙ୍ଖ, ସହିତ ନାମ ସଂକୀର୍ତନ,ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇ କଳସ ଶୋଭାଯାତ୍ରା ରେ ପରଜଙ୍ଗ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ମା ଙ୍କ ମନ୍ଦିର ପ୍ରାଙ୍ଗଣ ରେ ପହଂ* କଳସ ସ୍ଥାପନ କରିଥିଲେ । ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଅଙ୍କୁର ସ୍ଥାପନ, ମା ଙ୍କର ମୂର୍ତି ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ପ୍ରାଣ ପ୍ରତିଷ୍ଠା, ଦେବୀ ହୋମ ଓ ପ୍ରତିଷ୍ଠା କର୍ମ ସମାପନ କରି , ଶ୍ରଦ୍ଧାଳୁ ଙ୍କ ହରିବୋଲ ହୁଳହୁଳି, ମା ଙ୍କ ଜୟ ଜୟ ଧ୍ୱନି ରେ ମନ୍ଦିର ରତ୍ନ ମୁଦ ରେ ଧ୍ୱଜା ବନ୍ଧା ଯାଇଥିବା ବେଳେ ମା'ଙ୍କ ହୋମ ଯଜ୍ଞ ହୋଇଥିଲେ । ଆଖ ପାଖ ଅଂଚଳ ରୁ ଶ୍ରଦ୍ଧାଳୁ, ବାଟୋଇ ଓ ଗ୍ରାମବାସମାନେ ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ ।

## ସରାଟ ସେବା ସମବାୟ ଓ ଆମ ଓଡିଶା ଆନୁକୂଲ୍ୟରେ ରକ୍ତଦାନ ଶିବିର



ବାଲିପାଟଣା ( ମହାଭାରତ ) : ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅସରରେ ବାଲିପାଟଣା ବ୍ଲକ ସରାଟ ସେବା ସମବାୟ ସମିତି ଓ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଖୋର୍ଦ୍ଧା ଜିଲ୍ଲା ସମବାୟ ଭୁବନେଶ୍ୱର ସର୍କଲ ତତ୍ୱାବଧାନରେ ଅନୁଷ୍ଠିତ ଶିବିର ରେ ମୁଖ୍ୟ ଅତିଥି ଭାବେ ତହସିଲଦାର କଳ୍ପନା ଦାସ , ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଫିସର ଡାକ୍ତର ଶ୍ରୀକାନ୍ତ ବେହେରା , ସହକାରୀ ନିବନ୍ଧକ ଭୁବନେଶ୍ୱର ମଣ୍ଡଳ ର ବରିଷ୍ଠ ଅଧିକାରୀ ପ୍ରିୟ ବ୍ରତ ପଣ୍ଡା , ଲଳିତ ବିଶ୍ୱାଳ , ସରାଟ ସମବାୟ ସମିତି ସଭାପତି ତଥା ଅସର ପ୍ରାପ୍ତ ଅଧ୍ୟାପକ ଭାରତ ଭୂଷଣ ମହାନ୍ତି , ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲିପାଟଣା ଶାଖା ପରିଚାଳକ ଶକ୍ତି ଜେନା, ସି ଇ ଓ ଦିବ୍ୟ ରଞ୍ଜନ ପ୍ରଧାନ , ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା , ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ସମବାୟ ସମିତି ଗୋଦାମ ଗୃହରେ ଆୟୋଜିତ ଶିବିର ରେ ୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅସର ରେ ସମବାୟ ସଭା ର ଆୟୋଜନ କରାଯାଇଥିଲା । ବୋର୍ଡ ମେମ୍ବର ସଂଗ୍ରାମ କୃଷ୍ଣ ଦାସ , ମାନସ କୁମାର ପଣ୍ଡା , ଅମୁଲ୍ୟ ପ୍ରଧାନ, ଦିନବନ୍ଧୁ ରାଉତରାୟ , ପ୍ରସନ୍ତ ସ୍ୱାଇଁ , ବାବୁଲି ମଲ୍ଲିକ , ବାବୁ ଲାଲ ନାୟକ , ବୀଣାପାଣି ସ୍ୱାଇଁ , କ୍ରିଷ୍ଣା ମହାପାତ୍ର , ସତ୍ୟଜିତ ରାୟ ,ଉମାକାନ୍ତ ସାହାଣୀ , ବିଶ୍ୱ ରଞ୍ଜନ ଭୋଇ , ଅବକାଶ ସ୍ୱାଇଁ , ବାସୁଦେବ ଜେନା , ସୁକାନ୍ତ କୁମାର ଦାଶ , ବଳରାମ ପରିଡା , କମଳା କାନ୍ତ ମହାନ୍ତି , ଜୟନ୍ତ ଓଝା , କୃଷ୍ଣ ଚନ୍ଦ୍ର ରାୟ, ସମବାୟ ସମିତି ସମ୍ପାଦକ ସୁଶୀଲ କୁମାର ପଣ୍ଡା , ଚିନ୍ମୟ ମହାନ୍ତି , ସୁରେନ୍ଦ୍ର ବେହେରା , ବିକ୍ରମ ମହାନ୍ତି , ଶିବ ପ୍ରସାଦ ଜେନା , ରବୀନ୍ଦ୍ର ଜେନା , ଧରଣୀ ଧର ସାହାଣୀ ପ୍ରମୁଖ ଜୋହାର ଦେଇଥିଲେ। ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ଏବଂ ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ ଶିବିର ପରିଚାଳନା କରିଥିଲେ।

## ନୟାଗଡ଼ରେ ଅଖିମୁଠି ଅନୁକୂଳ କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଅଖିମୁଠି ଅନୁକୂଳ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ଅକ୍ଷୟ ତୃତୀୟା ଅବସରରେ ନୟାଗଡ଼ ସଦର ବ୍ଲକ ନବଘନପୁର ଠାରେ ବିଧି ଅନୁସାରେ ଅଖି ମୁଠି ଅନୁକୂଳ କଲେ ମନ୍ତ୍ରୀ। ଚଷା ପୁଅର ଏହି ପବିତ୍ର ପର୍ବ ରେ ଚାଷ ଜମିରେ ବିହନ ଧାନ ବୁଣି ଅଖିମୁଠି ଅନୁକୂଳ କରିଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏହା ପୂର୍ବରୁ ବିଧି ଅନୁଯାୟୀ ପ୍ରଥମେ ବସୁଧା ମାଆ ଏବଂ ବିହନ ଧାନଙ୍କୁ ଜମିରେ ପୂଜା କରାଯାଇଥିଲା। ଏହାପରେ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ହଲନଙ୍ଗଲ ଧରି ଜମିରେ ପଶି ଚାଷ ଆରମ୍ଭ କରିଥିଲେ। ସାଥିରେ ଥିଲେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏବଂ ଜିଲ୍ଲା କୃଷି ଅଧିକାରୀଙ୍କ ସହ ମତ୍ସ୍ୟ ,ପଶୁ ସମ୍ପଦ ବିଭାଗର ଅଧିକାରୀ ମାନେ।ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଅବସରରେ ଅଖିମୁଠି ଅନୁକୂଳ ଉତ୍ସବରେ ବହୁ ଚାଷୀ ଯୋଗ ଦେଇଥିଲେ। ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଚାଷୀମାନେ ଖୋଳ କୀର୍ତ୍ତନ କରି ସ୍ୱାଗତ କରିଥିବା ବେଳେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ପାରମ୍ପରିକ ବାଦ୍ୟ ଗିନି ବଜାଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ। କାଳବୈଶାଖୀ ବର୍ଷା ପାଇଁ ଜମିରେ ପାଣି ରହିଥିବାରୁ ମନ୍ତ୍ରୀ ପଡିଆ ଜମିରେ ପ୍ରଥମେ ଧାନ ବୁଣି ପରେ ଚାଷ କରିଥିଲେ। କିନ୍ତୁ ମନ୍ତ୍ରୀ ଙ୍କୁ ଜଣା ନଥିଲା ସେ କେଉଁ ବିହନ ଧାନ ଜମିରେ ବୁଣି ଚାଷ କରିଥିଲେ।ଏହା ପରେ ଜିଲ୍ଲା ପରିଷଦ ସୁଜନ ଗୃହ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ ଉତ୍ସବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇ ଚାଷୀଙ୍କୁ ଖରିପ୍ ଚାଷ ପାଇଁ ସିଏମ କିସାନ ସହାୟତା ରାଶି ବଣ୍ଟନ କରିଥିଲେ। ଏହି ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହିଥିଲେ।

## ଗଣିଆ ରେ ପଲିଶ୍ରୀ ମେଳା ଉଦଘାଟିତ



ଗଣିଆ :(ମହାଭାରତ ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଚଉମଙ୍ଗ ନିକଟସ୍ଥ ଗଣିଆ ମହୋତ୍ସବ ପଡ଼ିଆ ରେ ନୟାଗଡ ଓରମାସ ଆନୁକୁଲ୍ୟରେ ବିଭିନ୍ନ ପ୍ରକାରର ହସ୍ତତନ୍ତ ଓ ହସ୍ତଶିଳ୍ପ, ବୟନଶିଳ୍ପ ଆଦି ବିଭିନ୍ନ ପ୍ରକାର କାରୁକାର୍ଯ୍ୟ ପ୍ରଦର୍ଶନ କରଯାଇଥିଲା । ଉକ୍ତ ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିତିବକ୍ଷଳା ରଣା ଯୋଗ ଦେବା ସହ ଅନ୍ୟ ମନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ଗଣିଆ ମହୋତ୍ସବ କମିଟି ସଭପତି ବିଜୟ କୁମାର ସାହୁ, ଅଗ୍ନିଶମ ଅଧିକାରୀ ବିଜୟା ନନ୍ଦ ପରିଡ଼ା, ବନମାଳୀ ବାରିକ ଡ଼ିଗ୍ରୀ ମହାବିଦ୍ୟାଳୟ ର ଅଧକ୍ଷ ସଞ୍ଜୟ କୁମାର ପଣ୍ଡା,ଶ୍ରୀ ଶ୍ରୀ ରଘୁନାଥ ଜିଉ ଉଚ୍ଚ ବିଦ୍ୟାଳୟ ର ଅଧକ୍ଷା ସଲିଳକ୍ଷ ସେଠୀ, ଡିଗ୍ରୀ କଲେଜର ଅଧକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ରାମ ଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ ଯୋଗଦେଇ ଥିଲେ। ଉକ୍ତ ମେଳାରେ ମହିଳା ମନଙ୍କ ଦ୍ୱାରା ନିର୍ମାଣ କରାଯାଇ ଥିବା କରୁ କାର୍ଯ୍ୟ ବେଶ୍ ଦର୍ଶକ ଙ୍କ ଚିତ୍ତାକର୍ଷକ ହୋଇଥିଲା । ଏହି ମେଳା ବୁଧ ବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଦୀର୍ଘ ତିନି ଦିନ ପର୍ଯ୍ୟନ୍ତ ଚାଲୁ ରହିବ।

## ଯୁବକ ନିଖୋଜ, ଥାନାରେ ଅଭିଯୋଗ

ଦାନଗଦୀ :( ମହାଭାରତ)ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳୀଜଙ୍ଗା ପଞ୍ଚାୟତର ନୀଳକଣ୍ଠପୁର ଗ୍ରାମର ଜଣେ ମୂକ ବଧିର ଯୁବକ ନିଖୋଜ ହୋଇଯାଇଥିବା ନେଇ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଛି। ଖବରମତେ ଏହି ଗାଁର କିଶୋର ପେରାଇ ଓ କବିତା ପେରାଇଙ୍କ ପୁଅ ସିଲୁ ପେରାଇ (୨୦ ) ଗତ ମାସ ୧୦ ତାରିଖ ଦିନ ସକାଳୁ କେଉଁ ଆଡେ ପଳାଇଯାଇଛି, ଘରଲୋକ ଓ ଗ୍ରାମବାସୀ ବହୁତ ଖୋଜାଖୋଜି କରିଲା ପରେ ନିରାଶ ହୋଇ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଘର ଲୋକ କହିବା କଥା ସିଲୁ ଗଲାବେଳେ କଳା ରଙ୍ଗର ଟ୍ରାକ ପ୍ୟାଣ୍ଟ ଓ କଳା ଗଞ୍ଜି ପିନ୍ଧିଥିବା ବେଳେ ତାର ରଙ୍ଗ ଗୋରା, ତାଙ୍କ ପରିବାରରେ ଜଣେ ଝିଅ ବଡ଼ ଓ ଦୁଇ ପୁଅଙ୍କ ମଧ୍ୟରେ ସିଲୁ ବଡ଼, କଥା କହି ନ ପାରିଲେ ସୁଦ୍ଧା ଆଖପାଖରେ ସେ କାମ କରେ,ଅଳ୍ପ କିଛି ପାଠ ପଢ଼ିଛି ନିଜ ନାଁ ଓ ଗାଁ ନାଁ ଲେଖି ପାରିବ, ଆଜକୁ ୨୦ ଦିନ ହେବ କେଉଁଆଡେ ଯାଇଛି ତାର କୌଣସି ସନ୍ଧାନ ମିଳିପାରୁନାହିଁ, କଳିଙ୍ଗନଗର ପୋଲିସ ୧୮ ତାରିଖ ଠାରୁ ଏତଲା ରଖି ଖୋଜାଖୋଜି ଆରମ୍ଭ କରୁଥିବା ଜଣା ପଡିଛି। ଏତେ ବଡ଼ ଯୁବକ କେଉଁଆଡେ କିପରି ଗଲା ସବୁଆଡେ ଖୋଜାଖୋଜିକରି ଆଜି ପ୍ରଯ୍ୟନ୍ତ ନ ପାଇବାରୁ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ

## ଜିଲ୍ଲାସ୍ତରୀୟ କୃଷକ ଦିବସରେ ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଅକ୍ଷିମୁଠି ଶୁଭାରମ୍ଭ



ରାୟଗଡ଼ା / ଗୁଣପୁର (ମହାଭାରତ): ଦିନପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାୟଗଡ଼ା ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ ଉତ୍ସବ ଗୁଣପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଙ୍କ କର କମଳରେ ବୈଦିକ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ, ଭୂମି ପୂଜନ, ଅକ୍ଷ ଧାନ ପୂଜନ, ହଳ ବଳଦ ପୂଜନ ତଥା ବିଭିନ୍ନ ଦେବାଦେବୀଙ୍କ ଆବାହନ ପୂର୍ବକ ଗୁଣୁପୁର ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମହା ଆଡ଼ମ୍ବର ପାଳିତ ହୋଇ ଯାଇଥିଲା । ଏଥିରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ମୁଣ୍ଡରେ ପାଗ ବାନ୍ଧି ଅକ୍ଷୀ ମୁଠି ଚାଷ ଜମିରେ ବୁଣିବା ସହ ପାରମ୍ପରିକ ନୀତି ଅନୁଯାୟୀ ହଳ ଲଙ୍ଗଳ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାୟଗଡ଼ା ଜ୍ଜିଲ୍ଲାପାଳ ଶ୍ରୀମତୀ ପାରୂଲ ପଟକ୍ଷୱରୀ ସମ୍ମାନିତ ଅତିଥି, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଚଳିତ ବର୍ଷର ସିଏମ କିଷାନର ପ୍ରଥମ ପ୍ରୋତ୍ସାହନ ରାଶି ଡିବିଟି ମାଧ୍ୟମରେ ପ୍ରଦାନ ପୂର୍ବକ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଛନ୍ତି ଯେ କୃଷକଟିଏ ତା ହୃଦୟରେ ଭକ୍ତି ଓ ନିଷ୍ଠା ସହକାରେ ଏହି ପର୍ବଟିକୁ ପାଳନ କରେ । ଆଜିର ଦିନରେ ଧାନ ବୁଣା କାର୍ଯ୍ୟ ଆରମ୍ଭ ହୁଏ । ଅକ୍ଷୟ ତୃତୀୟା ଦିନଟି ଶାସ୍ତ୍ରୀୟ ଏବଂ ପୌରାଣିକ ଉଭୟ ମତରେ ଏକ ପବିତ୍ର ତଥା ଧର୍ମୀୟ ଭାବନାର ଦିନ । ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ବାର୍ଷିକ ରଥ ଗଢ଼ାକାମ ମଧ୍ୟ ଏହି ଅକ୍ଷୟ ତୃତୀୟା ଦିନରୁ ହିଁ ଅନୁକୂଳ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି । ଏଥିସହ ଆଜିର ପବିତ୍ର ଦିନଟିକୁ ରାଜ୍ୟ ସରକାର କୃଷକଙ୍କୁ ସମର୍ପିତ କରିଥିବା ସେ ସୂଚନା ଦେଇଛନ୍ତି । ସେ ଆହୁରୀ ମଧ୍ୟ କହିଛନ୍ତି, ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷକଙ୍କ ସଶକ୍ତୀକରଣ । ଆଜି ସାରା ରାଜ୍ୟରେ କୃଷକ ଦିବସ ପାଳନ କରାଯାଉଛି । ଏହି ଦିବସ ଆମକୁ ଆମ ପରମ୍ପରା, ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେବ । ସେହିପରି ଅନ୍ନଦାତାଙ୍କୁ ଅଧିକ ସଶକ୍ତ କରିବାକୁ ବଜେଟରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ କୃଷି ବଜେଟ ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ରହିଛି । ସୂଚନାଯୋଗ୍ୟ, ଆଜିର ଶୁଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫ ଖରିଫ୍ ଋତୁ ପାଇଁ ୧୦୨୫ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ହସ୍ତାନ୍ତର କରିଛନ୍ତି । ସିଏମ୍ କିଷାନ ଯୋଜନାରେ ଖରିଫ୍ ଋତୁ ପାଇଁ ରାୟଗଡ଼ା ଜିଲ୍ଲାର ୮୭,୨୨୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩,୫୧୬ ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ରାୟଗଡ଼ା ଜିଲ୍ଲାରେ ମୋଟ୍ ୯୦,୭୩୯ ଜଣ ଚାଷୀ ଏଥିରେ ଲାଭବାନ୍ ହୋଇଛନ୍ତି । ସିଏମ୍ କିଷାନ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରା□ଳର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ୨୦୦୦ଟଙ୍କା ହିସାବରେ ବାର୍ଷିକ ୪୦୦୦ଟଙ୍କାର ଆର୍ଥିକ ସହାୟତା ଏବଂ ଭୂମିହୀନ କୃଷକ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟ ଚାଷ ଓ ଉଦ୍ୟାନକୃଷି ଭଳି ଯେକୌଣସି ବୃତ୍ତି ଆପଣେଇବା ପାଇଁ ତିନୋଟି କିସ୍ତିରେ ସମୁଦାୟ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଅଛି ।

## ଜୟପାଟଣା ପୋଲିସ ପ୍ରଶାସନ ପକ୍ଷରୁ ଆଇନ୍ ସଚେତନା ଶିବିର




ଜୟପାଟଣା , ମୁଖିଗୁଡ଼ା(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ନୂତନ ଥାନା ଅଧିକାରିଣୀ ମମତା ହେମ୍ବ୍ରମ ଙ୍କ ନେତୃତ୍ୱରେ ମୁଖିଗୁଡା ଫାଣ୍ଡି ଠାରେ ନୂତନ ଅପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖିଗୁଡ଼ା ଅଞ୍ଚଳର ଜନସାଧାରଣ ଓ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ମହାଲିକ,ସମାଜ ସେବୀ ଚତୁର ସୁନା ଉପସ୍ଥିତ ଥିଲେ। ଉକ୍ତ ନୂତନ ଅପରାଧିକ ଆଇନ ବିଷୟରେ ଜୟପାଟଣା ଥାନା ଅଧିକାରୀଣୀ ଶ୍ରୀମତୀ ହେମ୍ବ୍ରମ୍ ଜନସାଧାରଣ ଙ୍କୁ ପୁଙ୍ଖାନୁ ପୁଙ୍ଖ ଭାବରେ ବୁଝାଇ ଥିଲେ। ଆଉ ସେ କହିଥିଲେ ଛୋଟ ପାଠ ପଢୁଥିବା ପୁଅ ,ଝିଅ ଙ୍କୁ ଦୁଇ ଚକିଆ ଯାନ ଚଲେଇ ବାକୁ ନ ଦେବ ପାଇଁ ଅବିଭାବକ ଙ୍କୁ ପରାମର୍ଶ ଦେବା ସହିତ ସଚେତନ କରାଇଥିଲେ। , ଅଞ୍ଚଳରେ କ୍ରାଇମ କେମିତି ହ୍ରାସ ପାଇବ ଓ କମ ବୟସ ରେ ଝିଅ ମାନଙ୍କୁ ବିବାହ ନ କରାଇବାକୁ ସଚେତନ କରାଇଥିଲେ। ଏହି ନୂତନ ଅପରାଧିକ ଆଇନ ବି ଏନ୍ ଏସ୍, ବି ଏନ୍ ଏସ୍ ଏସ୍ , ବି ଏସ୍ ଏ ର ନିୟମ ଅନୁସାରେ ସଚେତନତା ଲୋକଙ୍କୁ କେମିତି ଆଣି ପାରିବା ସେଇ ସବୁ ବିଷୟ ରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟ କ୍ରମ ରେ ରେ ମୁଖିଗୁଡା ଫାଣ୍ଡି ଅଧିକାରୀ ଶ୍ରୀଯୁକ୍ତ ଦେବେନ୍ଦ୍ର ଭାତ୍ରା,କନେଷ୍ଟ ବଲ ଦିଲ୍ଲୀପ ବିଶି,ଓ ସାମ୍ବାଦିକ ସାଧାରଣ ଜନତା ବୁଦ୍ଧି ଜିବୀ ଏବଂ ବହୁ ମାତ୍ରାରେ ମହିଳା ମାନେ ଉପସ୍ଥିତ ଥିଲେ।

## ଶେଷ ହେଲା ଚନ୍ଦ୍ରକଳ୍ପେଶ୍ୱର ପୀଠରେ ବିଶ୍ୱ ଶାନ୍ତି ପଞ୍ଚ ମହାଯଜ୍ଞ

ଆସିକା (ମହାଭାରତ): ଆସିକା ପଂଚାୟତ ସମିତି ର ଗଙ୍ଗାପୁର ପଂଚାୟତ ରେ ବିଜେ ଶ୍ରୀ ଚନ୍ଦ୍ରକଳ୍ପେଶ୍ୱର ମନ୍ଦିର ରେ ପନ୍ଦର ଦିନ ଧରି ଚାଲିଥିବା ବିଶ୍ୱ ଶାନ୍ତି ପଞ୍ଚ ମହାଯଜ୍ଞ ଉଦଯାପିତ ହୋଇ ଯାଇଛି । ଗତ ଏପ୍ରେଲ ପନ୍ଦର ତାରିଖ ରେ ଆରମ୍ଭ ହୋଇଥିବା ୧୦୮ ପ୍ରହର ନାମ ଯଜ୍ଞ, ଶହ ଶହ କିଲୋ ଘୃତ ଯଜ୍ଞ, ହଜାର ହଜାର ସଂକ୍ଷକ ଭକ୍ତ ମାନଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ବ୍ୟବସ୍ଥା, ଉପସ୍ଥିତ ଭକ୍ତ ମାନଙ୍କ ନିମନ୍ତେ ଅଧ୍ୟାତ୍ମିକ ଜ୍ଞାନ ଯଜ୍ଞ, ପନ୍ଦର ଦିନ ତମାମ ଅଖଣ୍ଡ ୧୦୮ ପ୍ରହର ନାମ ଯଜ୍ଞ ଆଦି କାର୍ଯ୍ୟକ୍ରମ ଶେଷ ହୋଇ ଯାଇଛି । ଏହି ବିଶ୍ୱ ଶାନ୍ତି ମହା ଯଜ୍ଞ ରେ ଶହ ଶହ ସାଧୁ ସ୍ୟ,ପୁରୁଷ ଓ ମହିଳା ନାମ ମଣ୍ଡଳୀ, ଆଖ ପାଖ ଶହ ଶହ ଗ୍ରାମ ବାସୀ ମାନଙ୍କ ସହଯୋଗ, ସାହାଯ୍ୟ, ପଣ୍ଡିତ ମାନଙ୍କ ମନ୍ତ୍ର ଉଚ୍ଚାରଣ ରେ ଏକ ପ୍ରକାର ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ପ୍ରତ୍ୟେକ ୧୦ ବର୍ଷ ବ୍ୟବଧାନ ରେ ଏଭଳି ବିଶ୍ୱ ଶାନ୍ତି ମହା ଯଜ୍ଞ ଅନୁଷ୍ଠିତ ହୋଇ ଅଶୁଛି । ଜଗତ ର ଅଞ୍ଚଳ ର ଗୋ ସମ୍ପଦ ରକ୍ଷା, କୃଷି ର ଉନ୍ନତି, ପ୍ରାକୃତିକ ବିପର୍ଯ୍ୟୟ ରୁ ରକ୍ଷା ନିମନ୍ତେ, ରୋଗ ମୁକ୍ତ ଗ୍ରାମ, ସମାଜ ରେ ଶାନ୍ତି ଓ ସଦଭାବନା ପ୍ରତିଷ୍ଠା ନିମନ୍ତେ ସମସ୍ତେ ଦୈନ ଦିନ ବାବା ଚନ୍ଦ୍ରକଳ୍ପେଶ୍ୱର ଙ୍କୁ ସ୍ମରଣ କରୁଥିଲେ ।ପ୍ରଭୁ ଚନ୍ଦ୍ରଶେଖର ଙ୍କ ଅପାର କରୁଣା ରୁ ପାଖାପାଖି ୭୦ ଖଣ୍ଡର ଶ୍ରଦ୍ଧାଳୁ ମାନେ ଏହି ଯଜ୍ଞ ରେ ଗୁଣ୍ଡିଚ ମୂଷା ଭଳି ଲାଗି ପଡିଛନ୍ତି ।ପୋଲିସ, ବ୍ୟାଙ୍କ, ସ୍ୱାସ୍ଥ୍ୟ, ବ୍ଲକ, ତାହସିଲ,ପକ୍ଷରୁ ସହଯୋଗ ମିଳୁଛି । ଏହି କାର୍ଯ୍ୟ ରେ ସଭାପତି ହରିହର ସାହୁ,ଉପ ସଭାପତି ବିଶ୍ୱେଶ୍ୱର ପ୍ରଧାନଙ୍କ, ସମ୍ପାଦକ ଜୟରାମ ନାହାକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଦଳାଇ, ଗଙ୍ଗାପୁର ପଂଚାୟତ ର ପୂର୍ବତନ ସରପଞ୍ଚ ତଥା କୋଷାଧକ୍ଷ ଶିରୀଶ ଚନ୍ଦ୍ର ମିଶ୍ର,ଗଙ୍ଗାପୁର ପଂଚାୟତ ର ସରପଞ୍ଚ ମନୋଜ କୁମାର ନାୟକ,ଶ୍ୟାମ ସୁନ୍ଦର ପାତ୍ର, ସୁଶାନ୍ତ ମୁନି, ଶଙ୍କର ମୁନି,ସହ କୋଷାଧକ୍ଷ ବାବୁଲା ବେହେରା, ଯଜ୍ଞ ର ଆଚାର୍ଯ୍ୟ ରମେଶ ଚନ୍ଦ୍ର ମିଶ୍ର,ମହନ୍ତ ବ୍ରଜ ବନ୍ଧୁ ଦାସ,ଭିକାରି ଦାସ ବିଜୟ କୁମାର ରଥ, ପୂର୍ବ ତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା, ପୂର୍ବତନ ସମିତି ସଭ୍ୟ ସନ୍ତୋଷ ନାହାକ, ଧନୁ ସେନାପତି,ପୂର୍ବତନ କର୍ତ୍ତା ଗଣେଶ ଚନ୍ଦ୍ର ଦାସ ଏବଂ ତାଂକ ଧରମପତ୍ନୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବଡ଼ ମା କୁ ଡାହାଣୀ ସନ୍ଦେହରେ ହତ୍ୟା କରି ଥାନାରେ ଆତ୍ମ ସମର୍ପଣ କଲା ପୁତୁରା

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର,ମୟୂରଭଞ୍ଜ ଜିଲ୍ଲା ର ବିଶୋଇ ଥାନା ଅନ୍ତର୍ଗତ ଯୋଡିଆ ପଞ୍ଚାୟତର ଯୋଡିଆ ଗ୍ରାମରେ ଆଜି ଦିନ ଦ୍ୱିପହରରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ମୁତାବକ ଆଜି ଦିନ ୩ଟା ସମୟରେ ୫୮ ବର୍ଷିୟା ସାକ୍ରୁ ହେମ୍ବ୍ରମ ଖାଇପିଇ ସାରି ଘର ବାହାରେ ନିଜ ପୁଅ ବୋହୁ ଓ ନାତି ନାତୁଣୀ ଙ୍କ ସହିତ ବସି ଗପସପ ହେଉଥିଲେ। ଠିକ୍ ସେହି ସମୟରେ ସାକ୍ରୁର ହେମ୍ବ୍ରମ ଙ୍କ ୨୪ ବର୍ଷିୟ ପୁତୁରା ସାନ ଦୁଲା ହେମ୍ବ୍ରମ୍ ତାଙ୍କ ଘରକୁ ଆସି ଏକ ଟାଙ୍ଗିଆ ଓ ଛୁରୀ ସାହାଯ୍ୟରେ ସାକ୍ରୁ ଙ୍କୁ ଚୋଟ ପରେ ଚୋଟ ମାରି ରକ୍ତ ଜୁଡୁବୁଡୁ କରି ସେହିଠାରେ ପକେଇଦେଇ ଟାଙ୍ଗିଆ ଓ ଛୁରୀ ଧରି ବିଶୋଇ ଥାନାକୁ ଆସି ଆତ୍ମସମର୍ପଣ କରିଥିବା ଜଣାପଡିଛି । ତେବେ ଘରେ ଥିବା ପୁଅ ବୋହୁ ଏହା ଦେଖି ଭୟରେ ନିଜ ଛୁଆଙ୍କୁ ଧରି ନିଜ ଜୀବନକୁ ବଞ୍ଚାଇ ପାଇଁ ଦୌଡ଼ି ପଳାଇଥିଲେ। ବୋହୁ ପରେ ଆସି ଦେଖିଲା ବେଳକୁ ସାକ୍ରୁ ହେମ୍ବ୍ରମ ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲାୟପରେ ସାକ୍ରୁ ହେମ୍ବ୍ରମ ଙ୍କ ପୁଅ କାରୁ ହେମ୍ବ୍ରମ ଘରକୁ ଆସି, ସ୍ତ୍ରୀ ପାଖରୁ ଘଟଣା ବିଷୟରେ ଅବଗତ ହୋଇ ବିଶୋଇ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। କାରୁ ହେମ୍ବ୍ରମ ଙ୍କ କହିବା ମୁତାବକ ସାନ ଦୁଲା ହେମ୍ବ୍ରମ ଡାହାଣି ସନ୍ଦେହରେ ମୋ ମାଁ ଙ୍କୁ ହତ୍ୟା କରିଛି ବୋଲି ଗଣମାଧ୍ୟମକୁ ପ୍ରକାଶ କରିଛି ।

## ନୟାଗଡ଼ରେ ସିଏମ୍ କିଷାନ ରାଶି ବଣ୍ଟନ ସଭାରେ ଅଭାବନୀୟ ଘଟଣା

## ଟିଫିନ୍ ପ୍ୟାକେଟ୍ ନ ପାଇବାରୁ ବିଜେପି ମହିଳା କର୍ମୀଙ୍କ ହଙ୍ଗାମା



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ସିଏମ୍ କିଷାନ ରାଶି ବଣ୍ଟନ ସଭାରେ ଅଭାବନୀୟ ଘଟଣା। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳେ ସାଉଣ୍ଡ ଫେଲ୍ ହେବାକୁ ନେଇ ବିଜେପି କର୍ମୀଙ୍କ ପାଟିତୁଣ୍ଡ। ଏପରିକି ବିଜେପିର ମହିଳା କର୍ମୀ ମାନେ ସଭାସ୍ଥଳରେ ଟିଫିନ୍ ପ୍ୟାକେଟ୍ ନ ପାଇବାରୁ ଜିଲ୍ଲାପାଳଙ୍କ ସହ ପାଟିତୁଣ୍ଡ କରିଥିଲେ। ସଭାସ୍ଥଳରେ ଥିଲେ ସ୍ୱାସ୍ଥ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ। ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲାପରିଷଦ ସୁଜନ ସଭା ଗୃହରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ ହେଉଥିବା ବେଳେ ସିଏମ୍ କିଷାନ ରାଶି ବଣ୍ଟନ ର ସଭା ହେଉଥିଲା। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଭିଭାଷଣ ରହୁଥିବା ବେଳେ କିଛି ବିଜେପି ମହିଳା କର୍ମୀ ସାଉଣ୍ଡ ଶୁଣା ଯାଉନଥିବା ଏବଂ ଟିଫିନ୍ ପ୍ୟାକେଟ ପାଇନଥିବା କହି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଜେପି ମହିଳା କର୍ମୀ ଏବଂ ଜିଲ୍ଲାପାଳଙ୍କ ମଧ୍ୟରେ କଥା କଟାକଟି ଏବଂ ପାଟିତୁଣ୍ଡ ହୋଇଥିଲା ସ୍ଥିତି ଏପରି ହେଲା ଜିଲ୍ଲାପାଳ ବାଧ୍ୟ ହୋଇ ମହିଳା କର୍ମୀ ସଭା ସ୍ଥଳରୁ ବାହାରି ଯିବାକୁ କହିଥିଲେ। ଏହାକୁ ନେଇ ବିଜେପି ର ମହିଳା କର୍ମୀ ମାନେ ଜିଲ୍ଲାପାଳ ଙ୍କ କଥାକୁ ବିରୋଧ କରିବା ସହ କାହିଁକି ଏହି ସଭାରେ ଚାଷୀ ନାହାନ୍ତି ବୋଲି ଅଭିଯୋଗ କରିବା ସହ ଜିଲ୍ଲାପାଳ ଙ୍କୁ ସଭା ସ୍ଥଳରେ ଅପମାନିତ କରିଥିଲେ। ମଞ୍ଚଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ ମଧ୍ୟ ବିଜେପି କର୍ମୀ ଓ ଜିଲ୍ଲାପାଳ ଙ୍କ କଥା କଟାକଟି ର ତାମସା ଦେଖିଥିଲେ। ମନ୍ତ୍ରୀ ମୁକେଶ ମହାଲିଙ୍ଗ ନା ବିଜେପି କର୍ମୀ ଙ୍କୁ ତାଗିଦ କରିଥିଲେ ନା ଜିଲ୍ଲାପାଳଙ୍କୁ କିଛି କହିଥିଲେ। ଏହାକୁ ନେଇ ସଭା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। କୃଷି ବିଭାଗର ଅବହେଳା ପାଇଁ ସଭା ସ୍ଥଳରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ହଟହଟା ହେବା ପାଇଁ ପଡିଛି। ବିଜେପି କର୍ମୀ ମାନେ ଜିଲ୍ଲାପାଳ ଙ୍କୁ ଏଭଳ ସଭା ସ୍ଥଳରେ ହଟହଟା କରିବାକୁ ନେଇ ନୟାଗଡ଼ ଜନ ସାଧାରଣ ନିନ୍ଦା କରିଛନ୍ତ।

## ପାକିସ୍ତାନ ଜିନ୍ଦାବାଦ କହିବାରୁ ପିଟି ପିଟି ଯୁବକଙ୍କୁ ହତ୍ୟା

କର୍ଣ୍ଣାଟକ : ଚାଲିଥିଲା ଏକ କ୍ରିକେଟ୍ ମ୍ୟାଚ୍ । ଖେଳ ଦେଖୁଥିଲେ ସ୍ଥାନୀୟ ଲୋକେ । କିଛି କଥାକୁ ନେଇ ଯୁକ୍ତିତର୍କ ହେଲା । ଏତିକିବେଳେ ଜଣେ କହିବାକୁ ଲାଗିଲା ପାକିସ୍ତାନ ଜିନ୍ଦାବାଦ୍ । ବାସ୍ ତାପରେ ରାଗିଗଲେ ସେଠାରେ ରୁଣ୍ଡ ହୋଇଥିବା ଲୋକେ ଆଉ ପିଟି ପିଟି ଲୋକଟିର ଜୀବନ ନେଇଗଲେ । କର୍ଣ୍ଣାଟକ ମାଙ୍ଗାଲୋର ସହରରେ ଘଟିଛି ଏହି ଘଟଣା । ପୋଲିସ୍ ସୂଚନା ଅନୁସାରେ ମୃତକଙ୍କ ପରିଚୟ ମିଳି ନାହିଁ । ତେବେ ପ୍ରାୟ ୧୦/୧୫ ଜଣ ଲୋକ ମିଶି ପାକିସ୍ତାନ ଜିନ୍ଦାବାଦ କରିଥିବା ଲୋକଟିକୁ ମାରି ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ପୋଲିସ୍ ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ଯୁବକ ମଧ୍ୟ ଗିରଫ ହୋଇଛି । ତାର ନାଁ ହେଲା ସଚିନ୍ ବୋଲି ପୋଲିସ୍ କହିଛି । ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ୍ ଯେଉଁ ଧାରା ଲଗାଇଛି ସେଥିରେ ଅଭିଯୁକ୍ତ ଲୋକ କିମ୍ବା ଲୋକମାନେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ ଜେଲ୍ ଦଣ୍ଡ ମିଳିବ ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷ ଗସ୍ତ ବାତିଲ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷ ଗସ୍ତ ବାତିଲ । ରୁଷ ଯିବେ ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ରୁଷିଆର ମେ ୯ରେ ମସ୍କୋରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ଦିବସ ଭିକ୍ଟ୍ରିଡେ ପରେଡରେ ଭାଗ ନେବେନି । ସୂଚନା ଅନୁଯାୟୀ, ଏନେଇ କ୍ରେମଲିନ୍ ମୁଖପାତ୍ର ପେସକୋଭଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ମସ୍କୋ ଭିକ୍ଟ୍ରି ଡେ' ପରେଡରେ ଯୋଗ ଦେବାକୁ ମୋଦିଙ୍କୁ ନିମନ୍ତ୍ରଣ କରିଥିଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ତେବେ ଜମ୍ମୁ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦେଶର ସୁରକ୍ଷା ଦୃଷ୍ଟିରୁ ରୁଷ ଗସ୍ତ ବାତିଲ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଗସ୍ତ ବାତିଲ ନେଇ ରୁଷ ମୁଖପାତ୍ର ଦିମିତ୍ରି ପେସକୋଭ ସୂଚନା ଦେଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟକୁ ମନେ ପକାଇବା ପାଇଁ ପ୍ରତିବର୍ଷ ମେ ୯ ତାରିଖରେ ଋଷରେ ବିଜୟ ଦିବସ ପାଳନ କରାଯାଏ । ଏହି ଅବସରରେ ଏକ ବଡ଼ ସାମରିକ ପରେଡ୍ ଏବଂ ଅନେକ ଅନ୍ତର୍ଜାତୀୟ ଅତିଥି ଉପସ୍ଥିତ ରୁହନ୍ତି । କିନ୍ତୁ ଏଥର ଭାରତର ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ।

## ହୋଟେଲରେ ନିଆଁ ଲାଗି ଜଳିଗଲେ ୩ ଓଡ଼ିଆ

କନକ ବ୍ୟୁରୋ : କୋଲକାତାରେ ଜଳିଗଲେ ୩ ଓଡ଼ିଆ । ଜଗତସିଂହପୁର ନନ୍ଦନ ଗାଁର ମନୋଜ ପାତ୍ର, ହରିପା ଗାଁର ଦୁଷ୍ମନ୍ତ କୁମାର ନାୟକ ଓ ଦୁଷ୍ମନ୍ତ କୁମାର ସ୍ୱାଇଁ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । କୋଲକାତା ଋତୁରାଜ ନାମକ ଏକ ଘରୋଇ ହୋଟେଲରେ ଗତକାଲି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ୩ ଜଣ ଓଡ଼ିଆଙ୍କ ମୃତ୍ୟୁ ଘଟିଛି । ଏମାନେ ଭୁବନେଶ୍ୱରରେ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ । କମ୍ପାନୀ କାମରେ କୋଲକାତା ଯାଇ ଏହି ହୋଟେଲରେ ରହୁଥିଲେ । ଗତକାଲି ହୋଟେଲରେ ହଠାତ୍ ନିଆଁ ଲାଗିଯିବା ଫଳରେ ହୋଟେଲରେ ଥିବା ୧୪ ଜଣଙ୍କର ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ତିନିଜଣ ଓଡ଼ିଆ ଯୁବକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣା ଜାଣିବା ପରେ ମୃତକଙ୍କ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବିଷ୍ଣୋଇ ଗ୍ୟାଙ୍ଗର ଧମକ ଏବେ ପାକିସ୍ତାନ ଲାଗି ନୂଆ ମୁଣ୍ଡବିନ୍ଧା, ହାଫିଜ ସଇଦ ଫଟୋରେ ଲଗାଇଛି 'କ୍ରସ୍'





ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀର ପହଲଗାମରେ ଆତଙ୍କୀ ଗୁଳିକାଣ୍ଡ ଯୋଗୁ ସାରା ଦେଶ ଏବେ କ୍ରୋଧରେ । ଏଥିରେ ଗ୍ୟାଙ୍ଗଷ୍ଟ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପାକିସ୍ତାନକୁ ସିଧା ଧମକ ଦେଇଛି । ସୋସିଆଲ ମିଡିଆରେ ଏକ ପୋଷ୍ଟ ସାମ୍ନାକୁ ଆସିଛି । ଏଥିରେ ଆତଙ୍କବାଦୀ ହାଫିଜ ସଇଦର ଫଟୋରେ ଲାଲ ଛକ ଚିହ୍ନ ଲଗାଇ ଲେଖିଛି 'ତୁମେ ଆମର ନିର୍ଦ୍ଦୋଷ ଲୋକଙ୍କୁ ମାରିଛ ଏବେ ଆମେ ପାକିସ୍ତାନରେ ପଶି ଏକ ଏପରି ବ୍ୟକ୍ତିକୁ ମାରିବୁ ଯିଏ ୧ ଲକ୍ଷ ଲୋକଙ୍କ ସଙ୍ଗେ ସମାନ' । ତେବେ ଏହି ପୋଷ୍ଟକୁ ବିଷ୍ଣୋଇ ଗ୍ୟାଙ୍ଗ ଜାରି କରିଛି କି ନା ତାହା ଏପର୍ଯ୍ୟନ୍ତ ଅଧିକାରୀକ ପୁଷ୍ଟି ହୋଇ ନାହିଁ । ହେଲେ ସୋସିଆଲ ମିଡିଆରେ ଏହି ପୋଷ୍ଟ ଦ୍ରୁତ ଭାଇରାଲ ହେବାରେ ଲାଗିଛି । ତେବେ ବିଷ୍ଣୋଇ ଗ୍ୟାଙ୍ଗର ଏହି ଧମକ ଏବେ ନୂଆ ମୋଡ଼ ନେଇଛି । ଉଲ୍ଲେଖଯୋଗ୍ୟ ଯେ ହାଫିଜ ସଇଦ ଲସ୍କର-ଏ-ତୌୟବାର ସଂସ୍ଥାପକ ଏବଂ ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ । ଏଥିରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଧମକ ଚର୍ଚ୍ଚାକୁ ନୂଆ ଖୋରାକ ଯୋଗାଇଛି । ଲରେନ୍ସ ବିଷ୍ଣୋଇ ଏବେ ଗୁଜରାଟର ଏକ ଜେଲରେ ବନ୍ଦୀ ଅଛି । ହେଲେ ତା ଗ୍ୟାଙ୍ଗ ସାରା ଦେଶରେ କାମ କରୁଛି । ଏହି ଗ୍ୟାଙ୍ଗ ଅପହରଣ କରି ଟଙ୍କା ମାଗିବା, ସୁପାରି କିଲିଂ ଓ ହାଇ ପ୍ରୋଫାଇଲ ହତ୍ୟାକାଣ୍ଡ କରୁଛି । ଏହି ଗ୍ୟାଙ୍ଗ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାକୁ ହତ୍ୟା କରିଥିଲା । ନିକଟରେ ବଲିଉଡ ଅଭିନେତା ସଲମାନ ଖାନ ଘର ଉପରକୁ ଗୁଳି ଚଳାଇବା ଓ ବାବା ସିଦ୍ଦିକୀ ହତ୍ୟା ଉଦ୍ୟମ ମଧ୍ୟ ଏହି ଗ୍ୟାଙ୍ଗ ନାମରେ ଆସିଛି । ତେବେ ପାକିସ୍ତାନକୁ ଦିଆଯାଇଥିବା ଏହି ଧମକ ଦେଶରେ ସୁରକ୍ଷା ଏଜେନ୍ସୀଙ୍କୁ ଆଲର୍ଟ ମୋଡକୁ ନେଇ ଆସିଛି । ଏହି ପୋଷ୍ଟ କେତେ ଅସଲୀ ଏହାର ସତ୍ୟତା ଯାଞ୍ଚ ହେବା ପରେ ଯାଇ ଜଣାପଡିବ । ହେଲେ ଏହି ପୋଷ୍ଟରେ ହାଫିଜ ସଇଦକୁ ଯେପରି ଟାର୍ଗେଟ୍ କରାଯାଇଛି ଏଥିରୁ ଜଣାପଡୁଛି ଏହି ପୋଷ୍ଟ କେବଳ ସୋସିଆଲ ମିଡିଆ ପର୍ଯ୍ୟନ୍ତ ସୀମିତ ରହିବନି । ଏଣୁ ସୁରକ୍ଷା ଏଜେନ୍ସୀମାନେ ଏବେ ସତର୍କ ହୋଇଯାଇଛନ୍ତି ।

# ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ଆତଙ୍କୀ ହାସିମ ମୁସାର ସୂଚନା ଦେଲେ ମିଳିବ ୨୦ ଲକ୍ଷ ଟଙ୍କା







ନୂଆଦିଲ୍ଲୀ : ପହଲଗାମ ବୈସରନ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାସିମ ମୁସାକୁ ନେଇ ବଡ଼ ଖବର । ଦକ୍ଷିଣ କଶ୍ମୀରର ଜଙ୍ଗଲରେ ଲୁଚି ରହିଥିବା ସୂଚନା ମିଳିଛି । ମୁସାକୁ ଧରିଲେ କିମ୍ବା ସୂଚନା ଦେଲେ ମିଳିବ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି । ପ୍ରଥମେ ପାକିସ୍ତାନ ସେନାର ସ୍ପେଶାଲ ଫୋର୍ସରେ ଥିଲା ପାରା କମାଣ୍ଡୋ ହାସିମ ମୁସା । ପରେ ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବାର ସଦସ୍ୟ । ସମସ୍ତ ପ୍ରକାର ରଣକୌଶଳରେ ପାରଙ୍ଗମ ମୁସା । କଠୋର ତାଲିମ ଜରିଆରେ ନିଜକୁ ପ୍ରସ୍ତୁତ କରିଛି । ପ୍ଲାନିଂ, ଅସ୍ତ୍ର ଯୋଗାଣ, ଟାର୍ଗେଟ ସିଲେକ୍ସନଠୁ ନେଇ ସବୁକିଛି ଦେଖୁଥିଲା ହସିମ ମୁସା । ହସିମ ନାଁରେ ରହିଛି ୬୦ ଲକ୍ଷର ମୁଣ୍ଡ ଜାମିନ । ୧୫ କାଶ୍ମୀର ଓଭରଗ୍ରାଉଣ୍ଡ ୱାର୍କର୍ସ- ଓସିଜିଡବ୍ଲୁଙ୍କୁ ଜେରା ବେଳେ ହାସିମ ମୁସାର ପାକିସ୍ତାନ ସେନା ବ୍ୟାକଗ୍ରାଉଣ୍ଡ ସଂପର୍କରେ ତଥ୍ୟ ସାମ୍ନାକୁ ଆସିଛି । ଆତଙ୍କବାଦୀଙ୍କୁ ତାଲିମ ଏବଂ କିଟ୍ ଯୋଗାଉଥିବା ସଂସ୍ଥାର ଏକ ସଦସ୍ୟ ହେଉଛି ମୁସା । ତେଣୁ ପହଲଗାମ ଆତଙ୍କୀ ହମଲା ପଛରେ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସଆଇର ଭୂମିକା ଥିବା ସନ୍ଦେହ କରାଯାଉଛି । ସେହିପରି ଗତବର୍ଷ ଅକ୍ଟୋବରରେ ଗଣ୍ଡେରଓଲ ଓ ବାରମୂଲା ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୁସା ଷଡଯନ୍ତ୍ରକାରୀ ବୋଲି ଜଣାପଡ଼ିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ଏବେ ତଦନ୍ତ କରୁଛି ଏନଆଇଏ । ଏହି ଆକ୍ରମଣରେ ଓସିଜିଡବ୍ଲୁର ସ୍ଥାନୀୟ ନେଟୱାର୍କ ଓ ଦକ୍ଷିଣ କାଶ୍ମୀରର ଆତଙ୍କୀ ପ୍ରୋତ୍ସାହନକାରୀଙ୍କ ସଂପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି । ପାକିସ୍ତାନ ସେନା ଛାଡ଼ିବା ପରେ ମୁସା ପ୍ରତିବନ୍ଧିତ ଲସ୍କର ଏ ତୋଏବାରେ ଯୋଗ ଦେଇଥିଲା । ୨୦୨୩ ସେପଟ୍ଟେମ୍ବରରେ ସେ ଭାରତରେ ଅନୁପ୍ରବେଶ କରିଥିଲା । ପରେ ବଡ଼ଗାମ ଜିଲ୍ଲାରେ ସେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣରେ ସଂପୃକ୍ତି ଥିଲା । ପୂର୍ବରୁ ୨୦୨୪ ଅକ୍ଟୋବରରେ କଶ୍ମୀରର ଗଗନଗିରି ଓ ଗଣ୍ଡେରୱାଲରେ ମଧ୍ୟ ମୁସା ଆକ୍ରମଣ କରିଥିଲା । ଏଥିରେ ୬ଜଣ ଅଣ କଶ୍ମୀରଙ୍କ ସହ ଜଣେ ଡାକ୍ତର ପ୍ରାଣ ହରାଇଥିଲେ ।

## ଇସଲାମବାଦ ଏବଂ ଲାହୋରକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କଲା ପାକିସ୍ତାନ




ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ନେଇଥିବା ଆତଙ୍କବାଦୀ ଏବେ ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ଭୟଭୀତ ରହିଛନ୍ତି । ଭାରତ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ଘୋଷଣା କରିପାରେ ବୋଲି ସମସ୍ତ ପାକିସ୍ତାନୀ ନେତା କହୁଛନ୍ତି । ଏହାରି ମଧ୍ୟରେ ପାକିସ୍ତାନ ସରକାର ନିଜର ରକ୍ଷା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି । ପାକିସ୍ତାନର ଦୁଇଟି ମୁଖ୍ୟ ସହର ଇସଲାମବାଦ ଏବଂ ଲାହୋରକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି । ପାକିସ୍ତାନରୁ ଆସୁଥିବା ଖବର ମୁତାବକ, ପାକିସ୍ତାନ ମଇ ୨ ତାରିଖ ଯାଏଁ ଇସଲାମବାଦ ଏବଂ ଲାହୋରକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି । ଏହି ସହର ଉପରେ କୌଣସି ଏୟାରକ୍ରାଫ୍ଟ ଯାଇପାରିବ ନାହିଁ । ଇସଲାମବାଦ ଏବଂ ଲାହୋର ପାକିସ୍ତାନର ମୁଖ୍ୟ ସହର । ଭାରତ ଆକ୍ରମଣ କରିବା ଭୟରେ ପାକିସ୍ତାନର ସୂଚନା ମନ୍ତ୍ରୀ ଉତାଉଲ୍ଲାହ ତରାର ଅଧରାତିରେ ପ୍ରେସ କନଫରେନ୍ସ କରିଥିଲେ । ସେ କହିଥିଲେ, ଭାରତ ଆଗାମୀ ୨୪ କିମ୍ବା ୩୬ ଘଣ୍ଟା ଭିତରେ ପାକିସ୍ତାନ ଉପରେ ଆକ୍ରମଣ କରିପାରେ । ପାକିସ୍ତାନ ନିଜେ ଆତଙ୍କବାଦର ଶିକାର ହେଉଛି ବୋଲି ତରାର କହିଛନ୍ତି । ଆମେ ସବୁବେଳେ ଆତଙ୍କବାଦକୁ ନିନ୍ଦା କରୁ । ପାକିସ୍ତାନ ପକ୍ଷରୁ ଏଲଓସିରେ ଲଗାତାର ଗୁଳିମାଡ଼ କରୁଛି । ଯାହାର ମୁହଁତୋଡ ଯବାବ ଦେଉଛି ଭାରତୀୟ ସେନା । ଭାରତୀୟ ଯବାନ ପାଲଟା ଗୁଳି ବର୍ଷା କରୁଛନ୍ତି । ଗତକାଲି ରାତିସାରା ଏଲଓସିର ସୁନ୍ଦରବାନୀ, ଅଖନୁର ସେକ୍ଟରରେ ବିଭିନ୍ନ ସ୍ଥାନରୁ ଗୁଳିମାଡ଼ ହେଉଛି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଟେନସନ୍ ବଢୁଥିବା ବେଳେ ଅଶାନ୍ତ ହୋଇଛି ଏଲଓସି । ସୂଚନାଯୋଗ୍ୟ, ୨୨ ଏପ୍ରିଲରେ, ପାକିସ୍ତାନରୁ ଆସିଥିବା ଆତଙ୍କବାଦୀଙ୍କ ଏକ ଗ୍ରୁପ କାଶ୍ମୀର ପହଲଗାମର ବୈସରଣ ଉପତ୍ୟକାରେ ବୁଲୁଥିବା ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ହତ୍ୟା କରିଥିଲେ । ଏଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣ ପରେ ଜମ୍ମୁ-କଶ୍ମୀରରୁ ବହୁ ସଂଖ୍ୟକ ପର୍ଯ୍ୟଟକ ବୁକିଂ କ୍ୟାନସଲ କରି ଫେରି ଯାଇଥିଲେ । ତେବେ ଘଟଣାକୁ କିଛିଦିନ ବିତିବା ପରେ ପର୍ଯ୍ୟଟକମାନେ ଧୀରେ ଧୀରେ ପହଲଗାମ ସମେତ ଅନ୍ୟାନ୍ୟ ସ୍ଥାନକୁ ଫେରୁଥିଲେ । ପହଲଗାମରେ ମଧ୍ୟ ପୂର୍ବଭଳି ପର୍ଯ୍ୟଟକଙ୍କ ଗହଳିଚହଳି ନାହିଁ । ଏପରିସ୍ଥିତିରେ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନ ସ୍ଥଳ ଓ ରିସୋର୍ଟ ବନ୍ଦ ନେଇ ଜମ୍ମୁ କଶ୍ମୀର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି ।

## ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ ଅଧ୍ୟକ୍ଷ ହେଲେ ପୂର୍ବତନ ର' ମୁଖ୍ୟ ଆଲୋକ ଯୋଶୀ



ନୂଆଦିଲ୍ଲୀ : ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ନେଇଛନ୍ତି ବଡ ନିଷ୍ପତ୍ତି । ପୁନର୍ଗଠନ ହେଲା ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ । ପୂର୍ବତନ ର' ମୁଖ୍ୟ ଆଲୋକ ଯୋଶୀଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ଏହି ବୋର୍ଡରେ ଅନୁଭବୀ ସୈନ୍ୟ ଓ ସୁରକ୍ଷା ଅଧିକାରୀ ସାମିଲ ଅଛନ୍ତି । ସାତ ସଦସ୍ୟ ବିଶିଷ୍ଟ ବୋର୍ଡରେ ସେନା, ବାୟୁ ସେନା, ନୌସେନା,ପୋଲିସ, ପୂର୍ବତନ ବିଦେଶ ସେବା ଅଧିକାରୀ ଆଦି ସାମିଲ ରହିଛନ୍ତି । ଏୟାର ମାର୍ଶଲ ପିଏମ ସିହ୍ନା ,ଲେଫ୍ଟନାଣ୍ଟ ଜେନେରାଲ ଏ କେ ସିଂ,ଆଡମିରାଲ ମଣ୍ଟି ଖନା , ରାଜୀବ ରଞ୍ଜନ ବର୍ମା ,ମନମୋହନ ସିଂ ପୂର୍ବତନ ଆଇଏଫଏସ ଅଧିକାରୀ ଭେଙ୍କଟେଶ ବର୍ମା ଆଦି ସଦସ୍ୟ ଅଛନ୍ତି । ଭାରତର ରାଷ୍ଟ୍ରୀୟ ସୁରକ୍ଷା ନୀତି ନିର୍ମାଣରେ ପରାମର୍ଶଦାତା ରୂପେ ଏହି ବୋର୍ଡ କାର୍ଯ୍ୟ କରିବ । ଭାରତର ସୁରକ୍ଷା ନେଇ ରଣନୀତି ପ୍ରସ୍ତୁତ କରିବ ଏହି ବୋର୍ଡ । ଆଲୋକ ଯୋଶୀଙ୍କର ଜାତୀୟ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ରହିଛି । ସେ ୨୦୧୨ ରୁ ୨୦୧୪ ପର୍ଯ୍ୟନ୍ତ 'ର'ର ମୁଖ୍ୟ ଏବଂ ୨୦୧୫ ରୁ ୨୦୧୮ ପର୍ଯ୍ୟନ୍ତ ଏନଟିଆରଓର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ଯୋଶୀ ପଡ଼ୋଶୀ ଦେଶ, ବିଶେଷକରି ନେପାଳ, ପାକିସ୍ତାନରେ ଗୁଇନ୍ଦା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ନେତୃତ୍ୱରେ ତାଙ୍କର ନିଯୁକ୍ତିକୁ ଏକ ରଣନୈତିକ ପଦକ୍ଷେପ ଭାବରେ ଦେଖାଯାଉଛି ।

## ସୀମାରେ ଅସ୍ତ୍ରବିରତି ଉଲଂଘନ କରୁଛି ପାକିସ୍ତାନ, ଚେତାବନୀ ଦେଲା ଭାରତ



ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ଶୀର୍ଷରେ ରହିଛି । ଆତଙ୍କବାଦୀ ଘଟଣା ପରଠୁ ସୀମାରେ ପାକିସ୍ତାନ ପକ୍ଷରୁ ଲଗାତାର ଅସ୍ତ୍ରବିରତି ଉଲ୍ଲଂଘନ କରାଯାଉଛି । ଯାହାର ଉଚିତ ଜବାବ ଦେଉଛି ଭାରତ । ଏବେ ସୀମାରେ ପାକିସ୍ତାନ ପକ୍ଷରୁ ଫାୟାରିଂ ଉପରେ ଭାରତ ଆପତ୍ତି ଉଠାଇଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଭାରତ ଏବଂ ପାକିସ୍ତାନର ସାମରିକ ଅଭିଯାନର ମହାନିର୍ଦ୍ଦେଶକ ଗତକାଲି ହଟଲାଇନ୍‌ରେ କଥା ହୋଇଥିଲେ । ପାକିସ୍ତାନ ଦ୍ୱାରା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ ବିଷୟରେ ଆଲୋଚନା କରିଥିଲେ । ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସେନା ଦ୍ୱାରା ଅସ୍ତ୍ରବିରତି ଉଲ୍ଲଂଘନ ବିରୁଦ୍ଧରେ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି । ଭାରତୀୟ ସେନା ଅନୁଯାୟୀ, ୨୯-୩୦ ଏପ୍ରିଲ ରାତିରେ ପାକିସ୍ତାନୀ ସେନା ପୋଷ୍ଟଗୁଡ଼ିକ ଜମ୍ମୁ-କାଶ୍ମୀରର ନୌସେରା, ସୁନ୍ଦରବନୀ ଏବଂ ଅଖନୁର ସେକ୍ଟରରେ ଏଲଓସିରେ ଅକାରଣରେ ଗୁଳିମାଡ଼ କରିଥିଲେ । ଭାରତୀୟ ସେନାପ ଯବାନ ଏହାର ଉପଯୁକ୍ତ ଜବାବ ଦେଇଥିଲେ । ସେନା ଏହା ମଧ୍ୟ କହିଛି ଯେ ପାକିସ୍ତାନ ଦ୍ୱାରା ଅସ୍ତ୍ରବିରତି ଉଲ୍ଲଂଘନ ଆଉ କେବଳ ନିୟନ୍ତ୍ରଣ ରେଖା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ଅନ୍ତର୍ଜାତୀୟ ସୀମା ପର୍ଯ୍ୟନ୍ତ ପହଞ୍ଚିଛି । ଏହା ପୂର୍ବରୁ ପାକିସ୍ତାନ ସେନା ୨୮-୨୯ ଏପ୍ରିଲ ରାତିରେ କୁପୱାଡା ଏବଂ ବାରାମୁଲ୍ଲା ଜିଲ୍ଲା ଏବଂ ଅଖନୁର ସେକ୍ଟରରେ ନିୟନ୍ତ୍ରଣ ରେଖାରେ ବି ଗୁଳି ମାଡ଼ କରିଥିଲା । ଏପ୍ରିଲ ୨୭-୨୮ ରାତିରେ କୁପୱାଡା ଏବଂ ପୁଞ୍ଚ ଜିଲ୍ଲାରେ ସୀମା ଆରପଟୁ ଗୁଳିଚାଳନା କରାଯାଇଥିଲା । ସେହିପରି ଏପ୍ରିଲ ୨୫-୨୬ ରାତିରେ ଏବଂ ଏପ୍ରିଲ ରାତିରେ ୨୪ ନିୟନ୍ତ୍ରଣ ରେଖାର କିଛି ସ୍ଥାନରେ ପାକିସ୍ତାନୀ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଥିଲା ।

## ରାତି ଅଧରେ ପାକିସ୍ତାନ ମନ୍ତ୍ରୀଙ୍କ ପ୍ରେସମିଟ୍

ନୂଆଦିଲ୍ଲୀ : ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା । ପାକିସ୍ତାନ ଉପରେ ହେବ ଆକ୍ରମଣ । ପହଲଗାମ ଘଟଣାର ପ୍ରତିଶୋଧ ନେବ ଭାରତ । ଏକଥା ଆମେ କହୁନୁ । ଖୋଦ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଏଭଳି ଦାବି କରିଛି । ୩୬ ଘଣ୍ଟା ମଧ୍ୟରେ ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା କରିଛନ୍ତି ଖୋଦ ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର । ଭାରତର ପ୍ରସ୍ତୁତି ଦେଖିବା ପରେ ପାକିସ୍ତାନର ନିଦ ହଜିଯାଇଛି । ଶୋଇପାରୁ ନାହାନ୍ତି ପାକିସ୍ତାନର ସରକାର । ରାତି ଗୋଟାଏରେ ମନ୍ତ୍ରୀଙ୍କ ଏଭଳି ପ୍ରେସମିଟ ବୟାନ କରୁଛି, କେତେ ଭୟଭୀତ ଅବସ୍ଥାରେ ଅଛି ପାକିସ୍ତାନ । ଭାରତର ଆଭିମୁଖ୍ୟ ଦେଖି ଭୟଭୀତ ଆତଙ୍କବାଦୀ । ଉରି ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ୍ ଭଳି ଆକ୍ରମଣ ଭୟରେ ପାକିସ୍ତାନରେ ଅଣ୍ଡର ଗ୍ରାଉଣ୍ଡ ହେଉଛନ୍ତି ଆତଙ୍କୀ । କାର୍ଯ୍ୟାନୁଷ୍ଠାନ ଭୟରେ ସୀମାରେ ଆତଙ୍କବାଦୀଙ୍କୁ ଅଣ୍ଡରଗ୍ରାଉଣ୍ଡ ବଙ୍କରରେ ଲୁଚାଉଛି ପାକିସ୍ତାନ । ସେପଟେ ଲାହୋରରେ ଲୁଚି ରହିଥିବା ମୁମ୍ବାଇ ଏବଂ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦର ଠିକଣା ସାମ୍ନାକୁ ଆସିଛି । ଅଧିକ ଜନବସତି ଅଞ୍ଚଳରେ ସାଧାରଣ ଲୋକ ଭଳି ଏହି କୁଖ୍ୟାତ ଆତଙ୍କୀ ଲୁଚିଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଛି । ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥାରେ ରହିଛି ହାଫିଜ୍ । ସାଟେଲାଇଟ୍ ଫଟୋ ଓ ଭିଡିଓରୁ ହାଫିଜ ଲାହୋରରେ ଥିବା ନେଇ ସୂଚନା ମିଳିଛି । ଭାରତର ଆକ୍ରମଣ ଭୟରେ ଆଲର୍ଟ ମୋଡରେ ରହିଛି ପାକିସ୍ତାନ ସେନା । ସୀମାରେ ଲଗାତାର ଅସ୍ତ୍ରବିରତି ଉଲ୍ଲଙ୍ଘନ କରିବା ସହ ଅନ୍ତର୍ଜାତୀୟ ସୀମାରେ ବି ଆରମ୍ଭ କରିଛି ଫାୟାରିଂ । ଯାହା ପାକିସ୍ତାନ ସେନାର ଡରକୁ ଦର୍ଶାଉଛି ।

# ଭାରତ-ପାକିସ୍ତାନ ସୀମାରେ ହାଇ ଆଲର୍ଟ: ଫସଲ କାଟିନପାରି ଚାଷୀ ହନ୍ତସନ୍ତ



ନୂଆଦିଲ୍ଲୀ : ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଭାରତ-ପାକିସ୍ତାନ ସୀମାରେ ହାଇ ଆଲର୍ଟ ଜାରି । ଚାଲିଛି ଗୁଳିଗୋଳା ବର୍ଷଣ । ପାକିସ୍ତାନ ଯୁଦ୍ଧ ବିରତିକୁ ଉଲ୍ଲଂଘନ କରି ଭାରତ ପଟକୁ ଗୁଳି ଚଳାଉଛି । ତେବେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ବଢୁଥିବା ଉତ୍ତେଜନା ୱାଘା ସୀମା ନିକଟରେ ରହୁଥିବା ଚାଷୀମାନଙ୍କୁ ବେଶ୍ ପ୍ରଭାବିତ କରିଛି । ଗହମ ଅମଳରେ ବିଳମ୍ବ ନେଇ ବାଧ୍ୟ କରିଛି ପରିସ୍ଥିତି । ଯାହା ଫଳରେ ଚାଷୀମାନଙ୍କର ବହୁ ଆର୍ଥିକ କ୍ଷତି ହୋଇଥିବା ଦେଖାଯାଇଛି । ସ୍ଥାନୀୟ ଚାଷୀମାନେ ଗତ ଏପ୍ରିଲ ୨୮ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି । ସେମାନଙ୍କୁ ଦୁଇ ଦିନ ମଧ୍ୟରେ କାଟି ନେବାକୁ କୁହା ଯାଇଥିଲା । ଏହା ପରେ ସୀମା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ କୌଣସି ଚାଷୀଙ୍କୁ ଫସଲ କାଟିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜଣାଇ ଦିଆଯାଇଥିଲା । ତେବେ ଚାଷୀଙ୍କ କହିବା କଥା, ସାମରିକ କାର୍ଯ୍ୟକଳାପ ଏବଂ ସୁରକ୍ଷା କଟକଣା ବୃଦ୍ଧି ଯୋଗୁଁ, ପାକିସ୍ତାନର ଚାଷୀମାନଙ୍କୁ ସେମାନଙ୍କ କ୍ଷେତକୁ ଯିବାରୁ ବାରଣ କରାଯାଇଛି । ଯାହା ଫଳରେ ଫସଲ ଅମଳ ହୋଇନାହିଁ । ସୁରକ୍ଷା କାରଣରୁ ଲାଗୁ ହୋଇଥିବା କଟକଣାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । କାରଣ ଫସଲ ଅମଳ ନହେଲେ ଚଳିବେ କେମିତି ? ଚାଷୀମାନେ କହିଛନ୍ତି ଯେ, ସୀମାରେ ଥିବା ଅନେକ ଗାଁ ଲୋକ ଅମଳରେ ସାହାଯ୍ୟ କରିବା ପାଇଁ ସେମାନଙ୍କ ଚାକିରିରୁ ଛୁଟି ନେଇ ଆସିଥିଲେ, କିନ୍ତୁ ବିଳମ୍ବ ହେତୁ ବର୍ତ୍ତମାନ ସେମାନଙ୍କର ଛୁଟି ବେକାର ହୋଇ ଯାଇଛି । ଭାରତ-ପାକିସ୍ତାନ ଭିତରେ ଚାଲିଥିବା ଉତ୍ତେଜନା ଯୋଗୁଁ ସୀମାନ୍ତ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଖାସ୍ କରି ଚାଷୀମାନେ ଏଥିରେ ପ୍ରଭାବିତ ହେବେ । ତେଣୁ ଉଭୟ ଦେଶ ପରସ୍ପର ଭିତରେ ଆପୋଷ ବୁଝାମଣା କରି ପରିସ୍ଥିତିକୁ ସୁଧାରିବା ଉଚିତ୍ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ସୂଚନା ଥାଉକି, ଗତ ସପ୍ତାହରେ କଶ୍ମୀର ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହିଁ ବର୍ତ୍ତମାନ ପରିସ୍ଥିତି ସୃଷ୍ଟି କରିଛି । ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି କରିଛି । ଗତ ୨୨ ତାରିଖ ଦିନ ଆତଙ୍କୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି । ଯାହାକୁ ନେଇ ଭାରତ, ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛି । ପାକିସ୍ତାନ ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବା ଅଭିଯୋଗ କରିଛି ଭାରତ । ଯୁଦ୍ଧ ହେବ ନହେବ ତାହା ତ ଭିନ୍ନ କଥା । ହେଲେ ଏଥିରେ ଭୀଷଣ ପ୍ରଭାବିତ ହେଉଛନ୍ତି ଉଭୟ ଦେଶର ସାଧାରଣ ନାଗରିକ, ଗରିବ ଚାଷୀ ଏବଂ ବ୍ୟବସାୟୀ ।

# କେକେଆରର ପ୍ଲେ ଅଫ୍ ଆଶା ଉଜ୍ଜୀବିତ



ନୂଆଦିଲ୍ଲୀ,୩୦।୪: ଚଳିତ ଆଇପିଏଲ୍‌ରେ ଗତ ବର୍ଷର ବିଜେତା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିଜୟ ପଥକୁ ଫେରିଛି ମଙ୍ଗଳବାର ଅଜିଙ୍କ୍ୟ ରାହାଣେଙ୍କ ଦଳ ଦିଲ୍ଲୀରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ ରନ୍‌ରେ ହରାଇ ଦେଇଛି। ବିଜୟ ସତ୍ତ୍ୱେ କେକେଆର୍ ସପ୍ତମ ସ୍ଥାନରୁ ଉପରକୁ ଉଠିପାରିନାହିଁ। ଦିଲ୍ଲୀ କ୍ୟାପିଟାଲ୍ସ ଦଶମରୁ ଚତୁର୍ଥ ପରାଜୟ ବରଣ କରିଥିଲେ ବି ଚତୁର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛି। କେକେଆର୍ ସମାନ ୧୦ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ପାଇ ପ୍ଲେ ଅଫ୍ ଆଶାକୁ କେବଳ ଉଜ୍ଜୀବିତ ରଖିଛି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ କେକେଆର୍ ପ୍ରଥମ ୩ ଓଭରରେ ୪୮ ରନ୍ ସଂଗ୍ରହ କରି ନେଇଥିଲା ଆଫଗାନିସ୍ତାନ ୱିକେଟ୍‌ରକ୍ଷକ ବ୍ୟାଟର୍ ରହମାନୁଲ୍ଲା ଗୁରବାଜ ୧୨ ବଲ୍‌ରୁ ୨୬ ଏବଂ ସାଥୀ ପ୍ରାରମ୍ଭିକ ବ୍ୟାଟର୍ ସୁନୀଲ ନାରାୟଣ ୧୬ ବଲ୍‌ରୁ ୨୭ ରନ୍ କରିବା ପରେ ଫେରିଯାଇଥିଲେ। ପ୍ରଥମ ପୱାର ପ୍ଲେରେ ଦଳ ଗୋଟିଏ ୱିକେଟ୍ ହରାଇ ୭୯ ରନ୍ ସଂଗ୍ରହ କରିଥିଲେ ମଧ୍ୟ କେଣସି ବ୍ୟାଟର୍ ଲମ୍ବା ଖେଳିନପାରିବାରୁ ଦଳ ଆଶାଠାରୁ ୨୦/୨୫ ରନ୍ ଯୋଡ଼ିଥିଲା। ଅଧିନାୟକ ଅଜିଙ୍କ୍ୟ ରାହାଣେ (୧୪ ବଲ୍‌ରୁ ୨୬ ରନ୍), ଅଙ୍ଗକ୍ରିସ୍ ରଘୁବଂଶୀ (୩୨ ବଲ୍‌ରୁ ୪୪ ରନ୍) ଏବଂ ରିଙ୍କୁ ସିଂହ (୨୫ ବଲ୍‌ରୁ ୩୬ ରନ୍)ଙ୍କ ପାଇଁ ଦଳ କିନ୍ତୁ ୨୦୦ ଅତିକ୍ରମ କରିଯାଇଥିଲା ।ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ସର୍ବାଧିକ ୩ ୱିକେଟ୍ ନେଇଥିଲେ।

ଅରୁଣ ଜେଟଲୀ ଷ୍ଟାଡିୟମ୍‌ର ବ୍ୟାଟିଂ ବୋଲିଂ ସନ୍ତୁଳିତ ପିଚ୍‌ରେ ୨୦୫ ରନ୍ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଘରୋଇ ଦିଲ୍ଲୀ ପାଇଁ କେବଳ ଫାପ ଡୁ ପ୍ଲେସିସ୍ (୬୨) ଏବଂ ଆହତ ଅଧିନାୟକ ଅକ୍ଷର ପଟେଲ୍ (୪୩) ଭଲ ଖେଳିଥିଲେ। ମଧ୍ୟ ଦଳକୁ ଜିତାଇପାରିନଥିଲେ। ଯୁବ ଅଲରାଉଣ୍ଡର୍ ବିପ୍ରଜ ନିଗମ (୨/୪୧ ଓ ୧୯ ବଲ୍‌ରୁ ୩୮ ରନ୍)ଙ୍କ ଅଲରାଉଣ୍ଡ୍ ପ୍ରୟାସ ମଧ୍ୟ ବେକାର ଯାଇଥିଲା। ଶେଷକୁ ଦଳ ମାତ୍ର ୧୪ ରନ୍ ଦୂରରେ ଅଟକିଯାଇଥିଲା।

ସଂକ୍ଷିପ୍ତ ସ୍କୋର: କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୦୪/୯ (ଅଙ୍ଗକ୍ରିସ୍ ରଘୁବଂଶୀ-୪୪, ରିଙ୍କୁ ସିଂହ-୩୬, ସୁନୀଲ ନାରାୟଣ-୨୭, ରହମାନୁଲ୍ଲା ଗୁର୍‌ବାଜ-୨୬, ଅଜିଙ୍କ୍ୟ ରାହାଣେ-୨୬, ଆନ୍ଦ୍ରେ ରସେଲ-୧୭, ମିଚେଲ ଷ୍ଟାର୍କ-୩/୪୩, ଅକ୍ଷର ପଟେଲ୍-୨/୨୭, ବିପ୍ରଜ ନିଗମ-୨/୪୧, ଦୁଷ୍ମନ୍ତ ଚମିରା-୧/୪୬) ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୯୦/୯ (ଫାପ୍ ଡୁ ପ୍ଲେସିସ୍-୬୨, ଅକ୍ଷର ପଟେଲ୍-୪୩, ବିପ୍ରଜ ନିଗମ-୩୮, ସୁନିଲ ନାରାୟଣ-୩/୨୯, ବରୁଣ ଚକ୍ରବର୍ତ୍ତୀ-୨/୩୯, ବୈଭବ ଅରୋରା-୧/୧୯, ଆନ୍ଦ୍ରେ ରସେଲ-୧/୨୨, ଅନୁକୂଳ ରୟ-୧/୨୭)।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୦୭ | ୦୩ | ୧୪ |
| ପଞ୍ଜାବ କିଙ୍ଗ୍‌ସ | ୧୦ | ୦୬ | ୦୩ | ୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୦୬ | ୦୪ | ୧୨ |
| ଗୁଜରାଟ ଟାଇଟନ୍ସ | ୦୯ | ୦୬ | ୦୩ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୧୦ | ୦୬ | ୦୪ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୦ | ୦୫ | ୦୫ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୧୦ | ୦୪ | ୦୫ | ୦୯ |
| ରାଜସ୍ଥାନ ରୟାଲ୍‌ସ | ୧୦ | ୦୩ | ୦୭ | ୦୬ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୦ | ୦୨ | ୦୮ | ୦୪ |

# ସୂର୍ଯ୍ୟବଂଶୀଙ୍କୁ ମିଳିଲା ବଡ଼ ଗିଫ୍ଟ



ନୂଅହଦିଲ୍ଲୀ,୩୦।୪: ଆଜିକାଲି ରେ ଶତକ ମାରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଚର୍ଚ୍ଚାରେ ଅଛି। ୧୪ ବର୍ଷୀୟ ବୈଭବଙ୍କ ଉତ୍କୃଷ୍ଟ ପ୍ରଦର୍ଶନରେ ଖୁସି ହୋଇ, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବର୍ଠାକୁର ତାଙ୍କୁ ପୁରସ୍କାର ସ୍ୱରୂପ ଏକ ନୂତନ ମର୍ସିଡିଜ-ବେଞ୍ଜ କାର ଉପହାର ଦେଇଛନ୍ତି।

ମ୍ୟାଚ ପରେ, ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେଉଛି। ଏଥିରେ ବୈଭବଙ୍କୁ ମର୍ସିଡିଜ ବେଞ୍ଜର ଚାବି ଦିଆଯାଉଥିବାର ଦେଖାଯାଉଛି। ତଥାପି, ଏହା ମର୍ସିଡିଜର କେଉଁ ମଡେଲ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।ବୈଭବ ବର୍ତ୍ତମାନ ୧୪ ବର୍ଷ ବୟସର, ତେଣୁ ସେ ଆଇନଗତ ଭାବରେ ଏହି ଗାଡ଼ି ଚଲାଇ ପାରିବେ ନାହିଁ।

ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫଟୋରେ ଦେଖିବାକୁ ମିଳୁଛି, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବର୍ଠାକୁର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଠିଆ ହୋଇଛନ୍ତି ଏବଂ ତାଙ୍କ ହାତରେ ମର୍ସିଡିଜର ଚାବି ଅଛି, ଯାହାକୁ ସେ ବୈଭବଙ୍କୁ ଦେଉଥିବାର ଦେଖାଯାଉଛି।ରଞ୍ଜିତ ବାରଠାକୁର ଆସାମର ଜୋରହାଟର ଜଣେ ବ୍ୟବସାୟୀ ଏବଂ ଏହା ବ୍ୟତୀତ ସେ ରୟାଲ ମଲ୍ଟିସ୍ପୋର୍ଟ ପ୍ରାଇଭେଟ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ।

## ରିଙ୍କୁଙ୍କୁ ଚପୁଡ଼ା ମାରିଲେ କୁଳଦୀପ୍

ନୂଆଦିଲ୍ଲୀ: ଆଇପିଏଲର ୪୮ତମ ମ୍ୟାଚରେ, କେକେଆର ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ରନରେ ପରାସ୍ତ କରିଥିଲା ଏହି ମ୍ୟାଚ୍‌ରେ ସୁନୀଲ ନାରିନ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଟାଇଟଲ୍‌ରେ ସମ୍ମାନିତ କରାଯାଇଥିଲା। ନାରିନ ୨୭ ରନର ଇନିଂସ ଖେଳିଥିଲେ ଏବଂ ବୋଲିଂ କରିବା ସମୟରେ ସେ ତିନୋଟିୱିକେଟ ନେବାରେ ସଫଳ ହୋଇଥିଲେ। ଗୋଟିଏ ପଟେ ନାରିନ ତାଙ୍କ ବୋଲିଂ ପାଇଁ ଚର୍ଚ୍ଚାରେ ଥିବା ବେଳେ ଅନ୍ୟପଟେ କୁଳଦୀପ ଯାଦବଙ୍କ କାମ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ମ୍ୟାଚ୍ ପରେ କୁଳଦୀପ ଯାଦବ କେକେଆରର ଅଭିଜ୍ଞ ଖେଳାଳି ରିଙ୍କୁ ସିଂହଙ୍କୁ ଚପୁଡ଼ା ମାରୁଥିବାର ଦେଖାଯାଇଥିଲା, ଯାହାର ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି। ଚପୁଡ଼ା ଖାଇବା ପରେ ରିଙ୍କୁ ଆଶ୍ଚର୍ଯ୍ୟ ହୋଇଯାଉଥିବା ଦେଖାଯାଉଛି।ତାଙ୍କର ଏଭଳି ବ୍ୟବହାର ରିଙ୍କୁଙ୍କ ପ୍ରଶଂସକଙ୍କୁ ପସନ୍ଦ ଆସିନଥିବା ଦେଖାଯାଇଛି। କିଛି ଲୋକ କହିଛନ୍ତି ଯେ, କୁଳଦୀପ୍ ମଜାରେ ଏଭଳି କରିଛନ୍ତି।ଆଉ କିଛି ଲୋକ କୁଳଦୀପ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିସିସିଆଇକୁ କହିଛନ୍ତି। ଏପର୍ଯ୍ୟନ୍ତ ଏହି ବିବାଦକୁ ନେଇ ରିଙ୍କୁ ବା କୁଳଦୀପ୍ କେଣସି ପ୍ରତିକ୍ରିୟା ଦେଇନାହାନ୍ତି।



## ପ୍ରଥମ ବାର୍ଷିକ ମାଷ୍ଟର ଟ୍ୟାଲେଣ୍ଟ ଇଲେଭନ କପ୍

# ନଇଗୁଆଁକୁ ହରାଇ ସେମିରେ ଝାଡ଼ଲିଙ୍ଗ



କାକଟପୁର/ଅସ୍ତରଙ୍ଗ,୩୦।୪: ପୁରୀ ଜିଲ୍ଲା ଅସ୍ତରଙ୍ଗ ଭଉଁରିଆ। ସେତୁ ନିକଟ ଅରବିନ୍ଦ ଷ୍ଟାଡିୟମ ରେ ପ୍ରଥମ ବାର୍ଷିକ ଟ୍ୟାଲେଣ୍ଟ ଇଲେଭେନ କପ୍ ଉଦ୍‌ଘାଟନ ହୋଇଯାଇଛି।

ମୁଖ୍ୟ ଅତିଥି ଅସ୍ତରଙ୍ଗ ମିଡ଼ିଆ। ଫୋରମ୍ ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ବେହେରା, ସମାସେବୀ ଫକୀର ନାୟକ,ଅସ୍ତରଙ୍ଗ ପଂଚାୟତ ଏକ ନମ୍ବର ୱାର୍ଡ ମେମ୍ବର ଟିଟୁ ପରିଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ ପରସ୍ପର କୁ ଭେଟିଥିଲେ ଝାଡ଼ଲିଙ୍ଗ ବନାମ ନଇଗୁଆଁ ପ୍ରଥମେ ଟସ ଜିତି ଝାଡ଼ଲିଙ୍ଗ ନିର୍ଦ୍ଧାରିତ ୮ଓଭର ରେ ୬ଉଇକେଟ ହରାଇ ୪୮ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ନଇଗୁଆଁ ୪୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭରରେ ୩୩ ରନ ସଂଗ୍ରହ କରି ସମସ୍ତ ୬ ଉଇକେଟ ହରାଇ ମ୍ୟାଚ ରେ ପରାଜୟ ହୋଇଥିଲା। ମୁଖ୍ୟ ଅତିଥି ବିଜୟ ବେହେରାଙ୍କ ଠାରୁ ଝାଡ଼ଲିଙ୍ଗର ଶକ୍ତି ମ୍ୟାନଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଖେଳ ପରିଚାଳନା ରେ ମାଷ୍ଟର ଅଭି ଓ ମାଷ୍ଟର ଶୁଭପପୁ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରମୁଖ ଉପସ୍ଥିତ ଥିବା କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେ।

# ଛାଡ଼ପତ୍ର ଖବରକୁ ସ୍ପଷ୍ଟ କଲେ ମେରି କମ୍

## ଅନ୍ୟ କାହା ସହ ସମ୍ପର୍କକୁ କଲେ ଖଣ୍ଡନ



ନୂଆଦିଲ୍ଲୀ: ଅଲିମ୍ପିକ ପଦକ ବିଜେତା ବକ୍ସର ମେରି କମ୍ ବୁଧବାର ନିଜ ଛାଡ଼ପତ୍ର ଖବରକୁ ସ୍ପଷ୍ଟ କରିଛନ୍ତି। ସ୍ୱାମୀ କାରୁଙ୍ଗ୍ ଅନଲରଙ୍କ ଠାରୁ ଛାଡପତ୍ରକୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି। ଏକ ବୟାନରେ ମେରି କମ୍ କହିଛନ୍ତି ଯେ ୨୦୨୩ ଡିସେମ୍ବର ୨୦ରେ ପରସ୍ପରର ସହମତିରେ କମ୍ ପ୍ରଥା ଅନୁଯାୟୀ ଛାଡ଼ପତ୍ର ହୋଇଛି ଦୁହେଁ ୨୦୦୫ ମସିହାରେ ବିବାହ କରିଥିଲେ। ମେରି କମଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଖବର ପ୍ରଚାର ହେବା ପରେ ସେ ଏହା ଉପରେ ମୁହଁ ଖୋଲିଛନ୍ତି।ଛାଡ଼ପତ୍ରର ପ୍ରାୟ ୧୬ ମାସ ପରେ ଏବେ ସେ ଏହା ଘୋଷଣା କରିଛନ୍ତି ।କିଛି ଖବରରେ ଦାବି କରାଯାଇଥିଲା ଯେ ମେରି କମ୍‌ଙ୍କ ସମ୍ପର୍କ ତାଙ୍କ ବିଜନେସ୍ ପାର୍ଟନର ହିତେଶ ଚୌଧୁରୀଙ୍କ ସହ ରହିଛି। ମେରି କମ୍ ଫାଉଣ୍ଡେସନର ଅଧ୍ୟକ୍ଷ ଅଛନ୍ତି ହିତେଶ। ସୋସିଆଲ୍ ମିଡିଆ। ପ୍ଲାଟଫର୍ମ ଏକ୍ସରେ ମେରି କମ୍ ଏକ ଆଇନଗତ ନୋଟିସକୁ ସେୟାର କରିଛନ୍ତି ନୋଟିସରେ ସ୍ପଷ୍ଟ କରାଯାଇଛି ଯେ ତାଙ୍କ ଛାଡ଼ପତ୍ର ସୌହାର୍ଦ୍ଦପୂର୍ଣ୍ଣ ଭାବେ ଅନେକ ମାସ ପୂର୍ବରୁ ହୋଇସାରିଛି ଓ ଏବେ ସେ ଏଥିରୁ ଆଗରୁ ବଢିସାରିଛନ୍ତି ସେ ନିଜ ପୂର୍ବ ବିବାହ ଉପରେ କୌଣସି ଟିପ୍ପଣୀ କରିବାକୁ ଚାହୁଁନାହାନ୍ତି ।ବୟାନ ଅନୁସାରେ ହିତେଶ ଚୌଧୁରୀ କିମ୍ବା ଅନ୍ୟ କାହା ସହ ସମ୍ପର୍କରେ ଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଛ। ଏଥିରେ ସେ ଗୋପନୀୟତାର ସମ୍ମାନ କରିବା ଓ ଭୁଲ ସୂଚନା ପ୍ରଚାରଠାରୁ ଦୂରେଇ ରହିବା ପାଇଁ ଅନୁରୋଧ କରିଛନ୍ତି। ଏହାସହ ସେ ଚେତାବନୀ ଦେଇଛନ୍ତି ଯେ ଯଦି ନିର୍ଦ୍ଦେଶର ପାଳନ ନକରାଯାଏ। ତେବେ ମାନହାନି ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମନା କରିବାକୁ ପାଡ଼ିପାରେ।

ମେରି କମ୍ ଏହା ବି କହିଛନ୍ତି ଯେ ଗତ ଦୁଇ ବର୍ଷ ତାଙ୍କ ବ୍ୟକ୍ତିଗତ ଜୀବନ କଠିନ ରହିଛି। ନିଜ ପ୍ରଶଂସକ, ବନ୍ଧୁ ଓ ଲୋକଙ୍କୁ ଏସବୁ ଆଲୋଚନାଠାରୁ ଦୂରେଇ ରହିବା ପାଇଁ ଅପିଲ୍ କରିଛନ୍ତି।୨୦୧୨ ମସିହାରେ ମେରି କମ୍ ଲଣ୍ଡନ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିଲେ ।ଏହା ବ୍ୟତୀତ ୪୨ ବର୍ଷିୟ ବକ୍ସର ୱାର୍ଲଡ୍ ଚମ୍ପିଅନଶିପରେ ୬ଟି ସ୍ୱର୍ଣ୍ଣ ସମେତ ୮ ପଦକ ଜିତିଛନ୍ତି। ୱାର୍ଲଡ ଚମ୍ପିଅନଶିପରେ ୬ ସ୍ୱର୍ଣ୍ଣ ଜିତିବାରେ ସେ ଦୁନିଆର ଏକ ମାତ୍ର ମହିଳା ବକ୍ସର । ୨୦୦୬ରେ ପଦ୍ମଶ୍ରୀ, ୨୦୧୩ରେ ପଦ୍ମ ଭୂଷଣ ଓ ୨୦୨୦ରେ ପଦ୍ମ ବିଭୂଷଣରେ ମେରି କମ୍ ସମ୍ମାନିତ ହୋଇସାରିଛନ୍ତି।

## ଭାରତ ନ ଆସିବା ପାଇଁ ପିସିବିର ଯୋଜନା

ଦିଲ୍ଲୀ,୩୦।୪: ପହଲଗାଁଓରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଦିନକୁଦିନ ଜଟିଳ ହେବାକୁ ଲାଗିଛି ।ଏହାର ପ୍ରଭାବ କ୍ରିକେଟ ଉପରେ ମଧ୍ୟ ପଡ଼ିଛି।ଆଇସିସି ଇଭେଣ୍ଟରେ ଗୋଟିଏ ଗ୍ରୁପରେ ଉଭୟ ଭାରତ ଓ ପାକିସ୍ତାନକୁ ନ ରଖିବା ନେଇ ବିସିସିଆଇ ପକ୍ଷରୁ ଆଇସିସିକୁ ଚିଠି ମାଧ୍ୟମରେ ଅବଗତ କରାଇଛି । ଏଭଳି ସ୍ଥିତିରେ ଭାରତରେ ଆସନ୍ତା ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ। ବିଶ୍ୱକପକୁ ନେଇ ବିବାଦ ଆରମ୍ଭ ହୋଇଛି। ଭାରତରେ ଖେଳିବାକୁ ପାକିସ୍ତାନର ଆଗ୍ରହ ନାହିଁ। ଭାରତରେ ମ୍ୟାଚ ନ ଖେଳିବାକୁ ଆମେ ଯୋଜନା କରୁଛୁ ବୋଲି ପିସିବି ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଏବେ ଆଇସିସି, ବିସିସିଆଇ ଓ ପିସିବି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି।

# ଆଫ୍ରିଦଙ୍କ ୟୁ ଟ୍ୟୁବ ଚାନେଲ୍ ବ୍ୟାନ



ନୂଆଦିଲ୍ଲୀ,୩୦।୪(ଏଜେନ୍ସି): ପହଲଗାମ ଆତଙ୍କୀ ଆକ୍ରମଣ ଉପରେ କଟୁ ମନ୍ତବ୍ୟ ଦେବା ଶାହିଦ ଆଫ୍ରିଦଙ୍କୁ ପଡ଼ିଲା ମହଙ୍ଗା। ଶାହିଦଙ୍କ ୟୁଟ୍ୟୁବ ଚ୍ୟାନେଲ ଭାରତରେ ବ୍ୟାନ୍ କରାଯାଇଛି। ଏବେ ଭାରତରେ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦଙ୍କ ୟୁଟ୍ୟୁବ ଚ୍ୟାନେଲ ଦେଖିପାରିବେ ନାହିଁ।ଏହା ପୂର୍ବରୁ ଭାରତ ସରକାର ଅନ୍ୟ ପାକିସ୍ତାନ କ୍ରିକେଟର୍ସଙ୍କ ବିପକ୍ଷରେ ବି ଆକ୍ସନ ନେଇ ସାରିଛନ୍ତି।

ସୂଚନା ଅନୁସାରେ ଶାହିଦ ଆଫ୍ରିଦଙ୍କ ପୂର୍ବରୁ ଶୋଏବ ଅଖତର, ରଶିଦ ଲତିଫ ଏବଂ ତନବୀର ଅହମଦଙ୍କ ଭଳି ଭେଟେରାନ କ୍ରିକେଟରଙ୍କ ୟ୍ୟୁଟ୍ୟୁବ ଚ୍ୟାନେଲ ଭାରତରେ ବ୍ୟାନ କରାଯାଇସାରିଛି। ଭରତ ସରକାର ଏହି ଆକ୍ସନ ପହଲଗାମ ଆତଙ୍କୀ ଆକ୍ରମଣ ପରେ ନେଇଛନ୍ତି।

ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ନେଇ ଶାହିଦ ଆଫ୍ରିଦ କଟୁ ମନ୍ତବ୍ୟ ଦେଇଥିଲେ। ଆଫ୍ରିଦ କହିଥିଲେ କି ମୁଁ ଏହି କଥାରେ ବିଶ୍ୱାସ କରୁଛି କି ଏହି ମୁଦ୍ଦା ଉପରେ ରାଜନୀତି ହେବା ଆବଶ୍ୟକ ନୁହେଁ ଯେଭଳି ଭାରତରେ ଆକ୍ରମଣ ହେଲା ସିଧା ସଳଖ ପାକିସ୍ତାନର ନାଁ ନିଆଗଲା । ଯାହାକି ଭାରତକୁ ସଠିକ୍ ତଥ୍ୟ ସହ ସାମ୍ନାକୁ ଆସିବା ଆବଶ୍ୟକ ଏବଂ ସେତେବେଳେ ବିଶ୍ୱକୁ କହିବା ଆବଶ୍ୟକ କୌଣସି ଧର୍ମ ଆତଙ୍କବାଦକୁ ସମର୍ଥନ କରେ ନାହିଁ । ସେ ଆଗକୁ ମଧ୍ୟ କହିଥିଲେ କି ଭାରତରେ ଯାହା ହେଲା ତାହା ବହୁତ ଅଫସୋସର କଥା । ପାକିସ୍ତାନରେ ବି ଯାହା ହେଉଛି ତାହା ବି ଅଫସୋସର କଥା, ଏଭଳି ନ ହେବା ଆବଶ୍ୟକ। ମୁଁ ବୁଝୁଛି କି ପଡ଼ୋଶୀ ଦେଶକୁ ପରସ୍ପର ଭଲ ଭାବେ ରହିବା ଆବଶ୍ୟକ ଏବଂ ଲଢେଇ ଝଗଡ଼ାରୁ ବର୍ତ୍ତି ରହିବା ଆବଶ୍ୟକ ଅଟେ ।

# ଲଗାତାର ତିନିଟି ୱିକେଟ ସତ୍ତ୍ୱେ କାହିଁକି ହେଲା ନାହିଁ ହ୍ୟାଟ୍ରିକ ?

ନୂଆଦିଲ୍ଲୀ,୩୦।୪: କ୍ରିକେଟ୍ ପଡ଼ିଆରେ ଅଜବ ଘଟଣା ଦେଖିବାକୁ ମିଳେ, ବିଶେଷକରି ଯେତେବେଳେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ କଥା ଆସେ, ପ୍ରତ୍ୟେକ ମ୍ୟାଚ୍ ରେ କିଛି ନା କିଛି ଭାଇରାଲ୍ ହୁଏ ଆଇପିଏଲ ୨୦୨୫ରେ ୨୯ ଏପ୍ରିଲ ରାତିରେ ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍‌ରେ ମଧ୍ୟ ସମାନ ଘଟଣା ଘଟିଥିଲା। ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମ ଇନିଂସର ଶେଷ ଓଭରରେ କିଛି ଘଟିଥିଲା ଯାହା ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ, ଏହି ମ୍ୟାଚ୍‌ର ୨୦ତମ ଓଭରରେ, ପ୍ରଥମ ବଲ୍‌ରେ ଛକା ମାରିବା ପରେ, ମିଚେଲ ଷ୍ଟାର୍କ ଲଗାତାର ତିନୋଟି ବଲ୍‌ରେ କେକେଆରର ତିନୋଟି ୱିକେଟ ନେଇଥିଲେ, କିନ୍ତୁ ଏହା ସତ୍ତ୍ୱେ ତାଙ୍କର ହ୍ୟାଟ୍ରିକ୍ ସମ୍ପୂର୍ଣ୍ଣ ହୋଇନଥିଲା ଆପଣ ଭାବୁଥିବେ ଯେ ଏହା କିପରି ହୋଇପାରିବ।

ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା କୋଲକାତା ନାଇଟ୍ ରାଇଡର୍ସ ୧୯ ଓଭରରେ ୬ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା ।ମିଚେଲ ଷ୍ଟାର୍କ ଶେଷ ଓଭର ବୋଲିଂ କରିବାକୁ ଆସିଥିଲେ। ସେ ତୃତୀୟ ଏବଂ ଚତୁର୍ଥ ବଲ୍ ରେ ରୋଭମ୍ୟାନ୍ ପାୱେଲ୍ ଏବଂ ତାପରେ ଅନୁକୂଳ ରୟଙ୍କୁ ଆଉଟ୍ କରିଥିଲେ। ସେ ପରବର୍ତ୍ତୀ ବଲ୍‌ରେ ହ୍ୟାଟ୍ରିକ୍ ନେବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ସେ ଅଫ୍ ଷ୍ଟମ୍ପ ବାହାରେ ହର୍ଷିତ ରାଣାଙ୍କୁ ଏକ ବଲ ପକାଇଲେ, ବ୍ୟାଟ୍ସମ୍ୟାନ୍ ବଲ୍‌କୁ ଛୁଇଁ ପାରିଲେ ନାହିଁ, ଏହି ସମୟରେ ନନ୍-ଷ୍ଟ୍ରାଇକ୍ ଏଣ୍ଡରେ ଠିଆ। ହୋଇଥିବା ଆଣ୍ଡ୍ରେ ରସେଲ୍ ଏକ ରନ୍ ନେବାକୁ ଚେଷ୍ଟା କରିବା ସମୟରେ ରନ୍ ଆଉଟ୍ ହୋଇଗଲେ। ପ୍ରଥମେ ଷ୍ଟାର୍କ ଭାବିଥିଲେ ଯେ ବଲ୍ ବ୍ୟାଟରେ ବାଜିଛି। କିନ୍ତୁ ଅମ୍ପାୟାର ଆବେଦନକୁ ଖାରଜ କରିଦେଇଥିଲେ। ଏପରି ପରିସ୍ଥିତିରେ, ଲଗାତାର ତିନୋଟି ବଲରେ ତିନୋଟି ୱିକେଟ ପଡ଼ିବା ସତ୍ତ୍ୱେ, ମିଚେଲ ଷ୍ଟାର୍କ ହ୍ୟାଟ୍ରିକ୍ ପାଇ ନଥିଲେ।

# ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କଲା ଭାରତୀୟ ମହିଳା ଦଳ



କଲମ୍ବୋ,୩୦।୪: କଲମ୍ବୋରେ ଖେଳାଯାଇଥିବା ଏକ ରୋମାଞ୍ଚକର ମୁକାବିଲାରେ ଭାରତୀୟ ମହିଳା ଦଳ ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ଦିନିକିଆ। ଶୃଙ୍ଖଳାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ନିଜର ବିଜୟ ଧାରା ୮ଟି ମ୍ୟାଚକୁ ବୃଦ୍ଧି କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ୍ ହରାଇ ୨୭୬ ରନ୍ କରିଥିଲା। ଭାରତ ପକ୍ଷରୁ ଓପନର ପ୍ରତିକା ରାୱଲ ୭୮, ସ୍ମୃତି ମନ୍ଧାନା ୩୬, ହର୍ଲିନ ଦେଓଲ ୨୯, ହରମନପ୍ରୀତ କୌର ୪୧, ଜେମିମା ରୋଡ୍ରିଗ୍ୱେଜ ୪୧, ରିଚା ଘୋଷ ୨୬ ରନ୍ କରିଥିଲେ।

ଜବାବରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିଥିବା ବେଳେ ୨୬୧ ରନରେ ଅଲ୍ ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ତାଜମିନ୍‌ସ ବ୍ରିଟସ ୧୦୯ ରନ୍ କରିଥିଲେ। ସ୍ନେହରାଣା ୫ ୱିକେଟ ନେଇ ଭାରତରକୁ ବିଜୟୀ କରାଇଥିଲେ। ଭାରତର ଚମତ୍କାର ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ନିଜର ଅପରାଜେୟ ଧାରାକୁ ବଜାୟ ରଖିବା ସହ ତ୍ରିକୋଣୀୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ